**ପଞ୍ଚାୟତ ସମିତି ସହକାରୀ ଯନ୍ତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା**

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ପଞ୍ଚାୟତ ସମିତିର ସହକାରୀ ଯନ୍ତ୍ରୀ ବାସୁଦେବ ମହାରଣାଙ୍କୁ ବ୍ଲକ୍ ସଭା କକ୍ଷରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟକାଳୀନ ସଭାରେ ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ମନୋରମା ମହାନ୍ତି, ବିଡିଓ ବାସନ୍ତୀ ସେଠୀ, ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଏବିଡିଓ ଦେବେନ୍ଦ୍ର ସାମଲ, ଜିପିଇଓ କ୍ଷିତିଶ ଚନ୍ଦ୍ର ନାଏକ, ବଡବାବୁ, ବ୍ଲକ୍ ଅଧିନ ସମସ୍ତ ଯନ୍ତ୍ରୀ ଓ ପଞ୍ଚାୟତ ପିଇଓଙ୍କ ସମେତ ବ୍ଲକ୍ ଅଧୀନ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସହକାରୀ ଯନ୍ତ୍ରୀ ଶ୍ରୀ ମହାରଣାଙ୍କ ଦିର୍ଘାୟୁ କାମନା କରିଥିଲେ।

## ସଂକ୍ଷେପରେ

### ଲୁଟ୍ ଘଟଣାରେ ୨ ଡକାୟତ ଗିରଫ

ମ.ରାମପୁର,୨।୬(ଡି.ଏନ.ଏ.): କଳାହାଣ୍ଡି ଜିଲା ମ.ରାମପୁର ଥାନା ଅନ୍ତର୍ଗତ ଗୋପାଳପୁର ନିକଟରେ ଗତ ୩୧ ତାରିଖ ସନ୍ଧ୍ୟାରେ ଘଟିଥିବା ଡକାୟତି ଘଟଣାରେ ୨ଜଣଙ୍କୁ ପୋଲିସ ଗିରଫ କରିଛି। ଉକ୍ତ ୨ଜଣ ହେଲେ ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବନାରସ ଗ୍ରାମର ଡୋଲେଶ୍ୱର ସାହୁ ଓ ଭବାନୀ ସାହୁ। ମୁଖ୍ୟ ଅଭିଯୁକ୍ତ ଲଳିତ ସାହୁ ଫେରାର ହୋଇଥିବା ଜଣାପଡିଛି। ମଦନପୁର ଗ୍ରାମର ଭାରତୀୟ ଷ୍ଟେଟ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ରର ପରିଚାଳକ ଭୂପିନ୍ଦ୍ର ରଣା ବାଇକ ଯୋଗେ ମ.ରାମପୁରକୁ ଟଙ୍କା ଧରି ଯାଉଥିଲେ। ତାଙ୍କଠୁ ମାରଣାସ୍ତ୍ର ଦେଖାଇ ୧ ଲକ୍ଷ ୨୦ ହଜାର ଟଙ୍କା ଲୁଟେରାମାନେ ଲୁଟି ନେଇଥିଲେ। ମ.ରାମପୁର ଥାନାଧିକାରୀ ସଚିନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ ଜାଗାରେ ଚଢାଉ କରି ୨ଜଣଙ୍କୁ ଗିରଫ କରିଥିଲା। ଡକାୟତିମାନେ ଗତବର୍ଷ ମଧ ସମାନ ଭାବେ ଭୂପିନ୍ଦ୍ର ରଣାଙ୍କ ୬ ଲକ୍ଷ ଟଙ୍କା ଲୁଟି କରିଥିଲେ।

### ସଂକୀର୍ତ୍ତନ ମହୋତ୍ସବ କୋର୍ କମିଟି ବୈଠକ

ଖଡ଼ିଆଳ,୨।୬(ଡି.ଏନ.ଏ.): ରାଜ୍ୟ ପ୍ରାଚୀନ କଳା ଓ ସଂସ୍କୃତି ପୁନରୁଦ୍ଧାର ପରିଷଦ ଓଡ଼ିଶା ଆନୁକୂଲ୍ୟରେ ତଥା ନୂଆପଡ଼ା ଜିଲା ସଂକୀର୍ତ୍ତନ ବିକାଶ ପରିଷଦ ଏବଂ ଜିଲା କଳା ଓ ସଂସ୍କୃତି ସଙ୍ଗଠନର ମିଳିତ ସହଯୋଗରେ ଜୁନ ତୃତୀୟ ସପ୍ତାହରେ ଆୟୋଜିତ ହେବାକୁ ଥିବା ସଂକୀର୍ତ୍ତନ ମହୋତ୍ସବ ପାଇଁ କୋର୍ କମିଟି ବୈଠକ ଖଡ଼ିଆଳର ଏକ ଲଜ୍‌ରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ରାଜ୍ୟ ପ୍ରାଚୀନ କଳା ଓ ସଂସ୍କୃତି ପୁନରୁଦ୍ଧାର ପରିଷଦର ସଭାପତି ତ୍ରିମନ ମାଝି ଅଧ୍ୟକ୍ଷତା କରିଥିଲେ। ମହୋତ୍ସବ ପାଳନର ରୂପରେଖ, ଶୋଭାଯାତ୍ରା, ମଞ୍ଚ ସଜ୍ଜା, ସାଧାରଣ ସଭା ତଥା ମହୋତ୍ସବର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ସଭାରେ କୋର୍ କମିଟି ସଦସ୍ୟ ନାଟ୍ୟକାର ତଥା ବିଶିଷ୍ଟ ସାମାଜିକ କର୍ମୀ ଜିତେନ୍ଦ୍ର ନାଥ ପଟ୍ଟନାୟକ, ଜିଲା କଳା ଓ ସଂସ୍କୃତି ସଂଗଠନ ଉପ ସଭାପତି ଅର୍ଜୁନ ଛତ୍ରିଆ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡକ୍ଟର ସୁଶାନ୍ତ କୁମାର ବିଶି, ଖଡ଼ିଆଳ ସାହିତ୍ୟ ସମିତି ସମ୍ପାଦକ ଗୌରାଙ୍ଗ କୁମାର ସାହୁ, ନୂଆପଡ଼ା ସଂକୀର୍ତ୍ତନ ବିକାଶ ପରିଷଦର ସମ୍ପାଦକ ଅମର ବିଳାସ ପଟେଲ, ସମାଜସେବୀ ଲକ୍ଷ୍ମୀ ନାରାୟଣ ସିଂ ଲାଲ, ସାମାଜିକ କର୍ମୀ ଲୋକନାଥ ସେନାପତି, ଉଗ୍ରେଶ୍ୱର ବାଗ, ଜଗତରାମ ନାଗ, ନବରଙ୍ଗପୁରରୁ ଲମ୍ବୋଦର ଗଇଁତିଆ, ସନ୍ତୋଷ ଶଗରିଆ, ବସନ୍ତ ଶବର, ମହାଦେବ ମାଝି ପ୍ରମୁଖ ସଦସ୍ୟ ଯୋଗଦେଇଥିଲେ।

### ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର

ଖଡ଼ିଆଳ,୨।୬(ଡି.ଏନ.ଏ.): ନୂଆପଡା ଜିଲା ବୋଡ଼େନ ବ୍ଲକର ଭାଇସାଦାନୀ, ଗୁଣ୍ଡୀ, ରେଢ଼ାମାଲ ଓ ସିଆଲଟି ଗ୍ରାମର ୫୦ରୁ ଅଧିକ ଶ୍ରମିକ ୨୦୨୨ରେ ଜଙ୍ଗଲ ବିଭାଗର ଭଇଷାଦାନୀ ନର୍ସରିରେ କାର୍ଯ୍ୟ କରିଥିଲେ। ସେମାନେ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ବକେୟା ପ୍ରାପ୍ୟ ମିଳି ନ ଥିବା ଅଭିଯୋଗ କରି ଖଡ଼ିଆଳ ଡିଏଫଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଖଡ଼ିଆଳ ଡିଏଫଓ କାର୍ଯ୍ୟାଳୟ ଘେରାଉ କରିଥିଲେ। ଆସନ୍ତା ସାତ ଦିନ ମଧରେ ଶ୍ରମିକମାନଙ୍କ ବାକିଥିବା ଟଙ୍କା ପ୍ରଦାନ କରନ୍ତୁ, ନଚେତ ଆଗାମୀ ଦିନରେ ଶ୍ରମିକମାନଙ୍କ ରୋଷର ଶିକାର ହେବେ ବୋଲି ଡିଏଫଓଙ୍କୁ ଚେତାବନୀ ଦେଇଥିଲେ। ଏ ନେଇ ଖଡ଼ିଆଳ ବନଖଣ୍ଡ ଅଧିକାରୀ ସୁଶୀଲ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ଶ୍ରମିକମାନେ ଜାଣି ପାରୁନାହାନ୍ତି, ସେମାଙ୍କ ବ୍ୟାଙ୍କ ଖାତାରେ ଟଙ୍କା ପଡୁଛି। ବ୍ୟାଙ୍କ ଆକାଉଣ୍ଟକୁ ଠିକ କରି ଯାଞ୍ଚ କରନ୍ତୁ। ଯେଉଁମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପଡିନାହିଁ, ସେହି ଆକାଉଣ୍ଟ ଦେଲେ ସେମାନଙ୍କ ସୁବିଧା କରାଯିବ ବୋଲି ପ୍ରକାଶ କରିଥିଲେ।

### ମେଡିକାଲ କର୍ମଚାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କୋକସରା,୨।୬(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଗୋଷ୍ଠି ସ୍ୱାସ୍ଥ୍ୟରେ କାର୍ଯ୍ୟରତ ପରିସଂଖ୍ୟାନ ସହାୟକ ଶ୍ୟାମ ସୁନ୍ଦର ସାହୁଙ୍କୁ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସ, ଡାକ୍ତର ମାନବେଶ ମହାପାତ୍ର, ଡ଼.ଅଭିଷେକ ବେହେରା, ଜନସ୍ୱାସ୍ଥ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା, ବିପିଏମ ସୁରଜିତ ସିଂ କୁମାର, ସ୍ୱାସ୍ଥ୍ୟ ପରିଦର୍ଶକ କେତନ ପାତ୍ର, ଫାର୍ମାସିଷ୍ଟ ସୁଧୀର କୁମାର ଧ. ମାଝି, ଡାକ୍ତରଖାନାରେ କାର୍ଯ୍ୟରତ ମହିଳା ନର୍ସିଂ, ଏଏନଏମ କର୍ମଚାରୀ ଓ ଅନ୍ୟ କର୍ମଚାରୀମାନେ ଯୋଗଦେଇ ସାହୁଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା ସହ ସମ୍ବର୍ଦ୍ଧନା ଜଣାଇଥିଲେ।

# ଉଠୁନି ଧାନ, ଜିଲା ଯୋଗାଣ କାର୍ଯ୍ୟାଳୟ ଘେରାଉ

ନୂଆପଡ଼ା ଅଫିସ,୨।୬

ନୂଆପଡା ଜିଲାରେ ମଣ୍ଡି ଖୋଲିବା ସପ୍ତାହେ ବିତିଯାଇଛି। ହେଲେ ଧାନ ଉଠୁ ନ ଥିବାରୁ ଶୁକ୍ରବାର ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ମଣ୍ଡିରେ ୧୦ ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ପଡି ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ଧାନ ଉଠୁନାହିଁ। ଚାଷୀମାନେ ମଣ୍ଡିରେ ଧାନ ରଖି ଚାହିଁ ରହିଛନ୍ତି। ଜଗି ନ ରହିଲେ ଅଧିକାଂଶ ମଣ୍ଡିରେ ଧାନ ଚୋରି ହେଉଥିବା ଅଭିଯୋଗ ହେଉଛି। ଦିନରେ ୪୪ ଡିଗ୍ରୀ ତାପମାତ୍ରା ଓ ରାତ୍ରିରେ କାଳବୈଶାଖୀର ତାଣ୍ଡବ ଭ୍ରୂକ୍ଷେପ ନ କରି ଖୋଲା ଆକାଶ ତଳେ ମଣ୍ଡିରେ ଚାଷୀ ଜଗି ରହିଛି। ଜଡାମୁଣ୍ଡା ମଣ୍ଡିରୁ ଧାନ ଉଠାଇବା ପାଇଁ ଖରିଆର ରୋଡର ଦୁଇଟି ରାଇସ ମିଲକୁ ଟେଗ କରାଯାଇଛି। ମିଲ ମାଲିକମାନେ ମନମୁଖୀ ଚଳାଇଛନ୍ତି। ଗୋଟିଏ ଦିନରେ



ଚାଷୀମାନେ ଜିଲା ଯୋଗାଣ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

୧୫ଜଣ ଚାଷୀଙ୍କ ୨,୨୨୯ ବସ୍ତା ଧାନ ଉଠାଇ ଚୁପ ହୋଇ ରହିଛନ୍ତି। ମଣ୍ଡିକୁ ଆଉ ଯାଉନାହାନ୍ତି। ମଣ୍ଡିରେ ୨୦ ହଜାରୁ ଉର୍ଦ୍ଧ୍ୱ ବସ୍ତା ଧାନ ପଡି ରହିଛି। ମଣ୍ଡିରୁ ଧାନ ନ ଉଠିବାରୁ ଚାଷୀ ନେତା ପ୍ରସନ୍ନ ପାଢୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଯୋଗାଣ ଅଧିକାରୀ ମିଲର୍ସଙ୍କୁ କାହିଁକି ଧାନ ଉଠାଉ ନାହାନ୍ତି ବୋଲି ପଚାରିବାକୁ ଫୋନ କରିଥିଲେ। ହେଲେ ମିଲର୍ସ ଫୋନ ଗ୍ରହଣ କଲେ ନାହିଁ। ଚାଷୀମାନେ ଉତ୍ତ୍ୟକ୍ତ ହୋଇ ପ୍ରଶାସନ ଅଧୀନରେ ମିଲର୍ସ କି ମିଲର୍ସ ଅଧୀନରେ ପ୍ରଶାସନ ବୋଲି ପ୍ରଶ୍ନ କରିଥିଲେ। ଯୋଗାଣ ଅଧିକାରୀ ଜି.ପ୍ରଭାକର ମୁଁ ମିଲର୍ସଙ୍କୁ

**ଜଡାମୁଣ୍ଡା ମଣ୍ଡି: ୨୦ ହଜାରରୁ ଉର୍ଦ୍ଧ୍ୱ ବସ୍ତା ଧାନ ପଡିଛି**

କହି ପ୍ରତିଦିନ ୧୫ ଶହ ୫୦ ବସ୍ତା ଧାନ ଉଠାଣ କରିବା ବ୍ୟବସ୍ଥା କରୁଛି। ୨/୩ ଦିନରେ ଧାନ ମଣ୍ଡିରୁ ସବୁ ଧାନ ଉଠିଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୋଟିଏ ଦିନରେ ୧୫ ଶହ ୫୦ ବସ୍ତା ଧାନ ଉଠା ନ ଗଲେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରିବୁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଭାନୁ ପ୍ରତାପ ସିଂ ମାଝି, ବାଳକୃଷ୍ଣ ଶବର, ଭକ୍ତବନ୍ଧୁ ଧରୁଆ, ଜ୍ଞାନେଶ୍ୱର ମାଝି, ନେହେରୁ ଅହିର, ବିଷ୍ଣୁ ଅହିର, ପିଭି ସାଇ ପ୍ରିସୀମା ରେଡ୍ଡୀ, ଗୌତମ ଅହିର, ମୁକେଶ ଅହିର, ରବିନ୍ଦ୍ର ସାହୁ, ରାମଦାସ ରାଉତ, ସିତାରାମ ଅହିର, ବୁଟି ରାଉତ, ଧମଚନ ରାଉତ, ଖାଡି ରାଉତ, ପି ଶ୍ରୀନିବାସ ରେଡ୍ଡୀ, ଟିଏସ ଜାଗୃ ରେଡ୍ଡୀ, ଭଗବାନ ଅହିର ପ୍ରମୁଖ ଘେରାଉରେ ସାମିଲ ଥିଲେ।

# ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା



ପଞ୍ଚାୟତ ସମିତି ବୈଠକରେ ଆଲୋଚନା କରାଯାଉଛି।

କୋକସରା,୨।୬(ଡି.ଏନ.ଏ.)

**କୋକସରା ପଞ୍ଚାୟତ ସମିତି ବୈଠକ**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତି ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ରିତା ଅଗ୍ରୱାଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ, ବିଡିଓ ଉତ୍ତମ କୁମାର ବାଗ, ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, କୋକସରା ଜୋନ ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ମୋଟେର ଜୋନ ଜିଲା ପରିଷଦ ସଭ୍ୟା ବୈଜୟନ୍ତି ପୁଝାରି, ଏମ୍‌ପି ପ୍ରତିନିଧି ସୁଧୀର ପାତ୍ର, ୨୨ଟି ପଞ୍ଚାୟତର ସମିତି ମେମ୍ବର, ସରପଞ୍ଚମାନେ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ସହ ବ୍ଲକର ବିଭିନ୍ନ ପଞ୍ଚାୟତରେ ରହିଥିବା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି, ପିଡିଏସ, ଶିଶୁ ବିକାଶ ପ୍ରକଳ୍ପ, ଆବାସ ଘର, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ବିଭାଗୀୟ ଅଧିକାରୀଙ୍କଠାରୁ ତଥ୍ୟ ମାଗିବା ସହ କେମିତି ଆଗକୁ ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ହେବ ସେ ନେଇ ଆଲୋଚନା କରିଥିଲେ। ଲଡୁଗାଁ ସରପଞ୍ଚ ନକୁଳ ନାଏକ ପଞ୍ଚାୟତରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସମିତି ସଦସ୍ୟଙ୍କ ପକ୍ଷରୁ ଘନଶ୍ୟାମ ନାଏକ, ଗଜାନନ ନିଆଲ ପ୍ରମୁଖ ସମିତି ବୈଠକକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ପ୍ରତି ୨/୩ ମାସରେ ସମିତି ବୈଠକ ରଖିବାକୁ ମତ ଦେଇଥିଲେ। ଏହା ଉପରେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ମତ ରଖି ବିଡିଓଙ୍କ ଅନୁପସ୍ଥିତ ଓ ଅନ୍ୟାନ୍ୟ କାରଣରୁ ବୈଠକ ଡେରି ହୋଇଥିବା ନେଇ ନିଜ ପକ୍ଷ ରଖିବା ସହ ଉପସ୍ଥିତ ଜନ ପ୍ରତିନିଧିଙ୍କୁ ସମନ୍ୱୟ ରକ୍ଷା କରିବା ସହ ଉନ୍ନୟନ କାର୍ଯ୍ୟରେ ସହଯୋଗ କରିବା ପାଇଁ ଉପସ୍ଥିତ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ବୈଠକରେ କ୍ଷୁଦ୍ର ଜଳସେଚନ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ଜିପିଓ ନାରାୟଣ ଭୋଇ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ବିଏସଏସଓ ଦୀପକ କୁମାର ବେହେରା, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଖେଳ ପଡ଼ିଆ ନିର୍ମାଣକୁ ବିରୋଧ

ନୂଆପଡ଼ା ଅଫିସ,୨।୬

ନୂଆପଡା ଜିଲା ଖଡିଆଳ ତହସିଲ ଅଧୀନ ମହୁଲକୋଟ ଗାଁର ଜଣେ ଆଦିବାସୀ ପୂର୍ବପୁରୁଷାନୁକ୍ରମେ ଦଖଲ କରି ଆସୁଥିବା ଜମିକୁ ଜରଜବରଦସ୍ତ ସ୍କୁଲ ଖେଳ ପଡିଆ ନିର୍ମାଣ କରାଯାଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ନୂଆପଡା ଉପଜିଲାପାଳ ସୁବାଷ ଚନ୍ଦ୍ର ରଇତାଙ୍କୁ ଶୁକ୍ରବାର ଲିଖିତ ଭାବେ ଦଖଲକାରୀ ଭୀଷ୍ମ ଭୋଇ ଜଣାଇଛନ୍ତି। ଖଡିଆଳ ବ୍ଲକ ଅନ୍ତର୍ଗତ ରାଣୀମୁଣ୍ଡା ପଞ୍ଚାୟତ ମହୁଲକୋଟ ଗାଁର ଭୀଷ୍ମ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ମହୁଲକୋଟ ଖାତା ନଂ-୧୫୬ ରକ୍ଷିତ ପ୍ଲଟ ନଂ-୯୦୧ ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ ଏ ୧.୬୩ ଡେସିମିଲ ଜମି ଚାଷ କାର୍ଯ୍ୟ କରି ଜୀବନ ଜୀବିକା ନିର୍ବାହ କରୁଛନ୍ତି। ସେହି ପ୍ଲଟକୁ ଖେଳ ପଡିଆ କରିବା ପାଇଁ ପ୍ରସ୍ତାବ ଆଗତ ହେବାରୁ ଭୀଷ୍ମ ବାରଣ କରିଥିଲେ। ଜିଲା ଆଦିବାସୀ କଲ୍ୟାଣ ସଂଘକୁ ଜଣାଇବାରୁ ସଂଘ ହସ୍ତକ୍ଷେପ କରିବା ପରେ ୨୦୨୩ ମେ ୩୧ରେ ଖଡିଆଳ ବିଡିଓ ଓ ଏପିଓ କାର୍ଯ୍ୟସ୍ଥଳ ପରିଦର୍ଶନ କରି ଖେଳ ପଡିଆ ପାଇଁ ତହସିଲଦାରଙ୍କ ଗୋଚରରୁ ଜମି ଚିହ୍ନଟ ନ ହେବା ପର୍ଯ୍ୟନ୍ତ କାମ ବନ୍ଦ ରଖିବାକୁ



ଦାବିପତ୍ର ଦେବା ପାଇଁ ଆସିଥିବା ଆଦିବାସୀ।

**ଆଦିବାସୀଙ୍କ ଜମି ଉପରେ ନଜର**

ନିର୍ଦ୍ଦେଶ ଦେଇଥିଲେ। କିରକିଟା ରାଜସ୍ୱ ନିରିକ୍ଷକ ୨୦୨୩ ଏପ୍ରିଲ ୧୮ ତାରିଖ ପତ୍ର ସଂଖ୍ୟା ୧୮ରେ ଖାତା ନଂ-୧୫୬ ପ୍ଲଟ ନଂ-୯୦୧ ଏ ୧.୬୩ ଡିସମିଲ ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ ବୋଲି ରିପୋର୍ଟ ଦେଇଥିବା ବେଳେ ଉକ୍ତ ପ୍ଲଟକୁ ଖଡିଆଳ ତହସିଲଦାର ବିନା ଘୋଷଣାରେ ଖେଳ ପଡିଆ ସଂରକ୍ଷିତ ବୋଲି ଜମିର କିସମ ପରିବର୍ତ୍ତନ କରିଛନ୍ତି। ସେହି ପ୍ଲଟରେ ସର୍ବମୋଟ ୧୪୧.୬୨ ଡେସିମିଲ ଜମି ଅଣ ଆଦିବାସୀ ସମ୍ପ୍ରଦାୟର ଲୋକେ ଜବରଦଖଲ କରିଛନ୍ତି। ସେମାନେ ଜବର ଦଖଲ କରିଥିବା ଜମିକୁ ହସ୍ତକ୍ଷେପ ନ କରି ମୁଁ ଜଣେ ନୀରିହ ଆଦିବାସୀ ହୋଇଥିବାରୁ ମୋ ଜମି ଉପରେ ହସ୍ତକ୍ଷେପ କରାଗଲା। ଏହାର ଉଚିତ ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ପାଇଁ ଭୀଷ୍ମ ଭୋଇ, ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝି, ସମ୍ପାଦକ ବାଳକୃଷ୍ଣ ଶବର, ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, କୋମନା ବ୍ଲକ ସଭାପତି ଜ୍ଞାନେଶ୍ୱର ମାଝି ପ୍ରମୁଖ ଦାବି କରିଛନ୍ତି।

# ବୋରିଆ ପମ୍ପ ହାଉସରୁ କେବୁଲ ଚୋରି

**୩ ଦିନରେ ୪ଟି ପଞ୍ଚାୟତରୁ କେବୁଲ୍ ଚୋରି**

କେସିଙ୍ଗା,୨।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବୋରିଆ ରେତ ନଦୀସ୍ଥିତ ପମ୍ପହାଉସରୁ ବୁଧବାର ରାତିରେ କେବୁଲ ଚୋରି ହୋଇଛି। ଫଳରେ ଗୁରୁବାରଠୁଁ ଗ୍ରାମବାସୀଙ୍କୁ ପାଇପ ପାଣି ଯୋଗାଣ ବନ୍ଦ ହୋଇଛି। ପ୍ରଚଣ୍ଡ ଖରା ଯୋଗୁ କୂଅ, ପୋଖରୀ ଶୁଖିଥିବା ବେଳେ ଲୋକେ ସମ୍ପୂର୍ଣ୍ଣ ଭାବେ ପାଇପ ପାଣି ଉପରେ ନିର୍ଭର କରୁଥିଲେ। ଏଭଳି ସ୍ଥିତିରେ କେବୁଲ ଚୋରି ହେବାରୁ ପାଣି ମିଳିବା କଷ୍ଟକର ହୋଇପଡିଛି। ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଏଠାରୁ କେବୁଲ ତାର ଚୋରି କେବଳ ଥରେ ନୁହେଁ, ସମୁଦାୟ ତିନି ଥର ଚୋରି ହେଲାଣି। ଏ ନେଇ ବିଭାଗ ପକ୍ଷରୁ କେସିଙ୍ଗା ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ପ୍ରକାଶ ଥାଉକି, ଗତ ମଙ୍ଗଳବାର ରାତିରେ କାଣ୍ଡେଲ, ସିରୋଲ ଏବଂ ବାଲସି ଗ୍ରାମରୁ ମଧ କେବୁଲ ତାର ଚୋରି ହୋଇଥିଲା। ଫଳରେ ସମ୍ପୃକ୍ତ ଗ୍ରାମବାସୀ ପାନୀୟ ଜଳ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୃକ୍ତ ବିଭାଗ ପକ୍ଷରୁ ପୁଣିଥରେ ନୂତନ କେବୁଲ ତାର ଲଗାଇବାକୁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତ। ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ସେଠୀଙ୍କୁ ପଚାରିବାରୁ ମୁଁ ଏ ବିଷୟରେ ଅଭିଯୋଗ ପାଇଛି, ପୂର୍ବରୁ ଏହି ପାଣିପମ୍ପରୁ କେବୁଲ ତାର ଚୋରି ହୋଇଥିଲା। ଏହାକୁ ନେଇ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ଚୋର କିମ୍ବା ଚୋରି ସାମଗ୍ରୀ ଠାବ କରାଯାଇନାହିଁ। ଲୋକେ ଯେମିତି ଅସୁବିଧା ନ ହେବେ ସେଥିପାଇଁ ମୁଁ କେବୁଲ ଲଗାଇବା ପାଇଁ ଚେଷ୍ଟା କରିବି ବୋଲି ପ୍ରକାଶ କରିଥିଲେ।

# ଉଚ୍ଚଶିକ୍ଷା ପାଇଁ ଅର୍ଥ ବାଧକ, ସହାୟତା ଦାବି

କର୍ଲାମୁଣ୍ଡା,୨।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତ ରାଜପୁର ଗାଁର ଲଳିତ ମାଝି ଚଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୫୩୯ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଡାକ୍ତରୀ ପାଠ ପଢିବା ପାଇଁ ଆଗ୍ରହ ଥିବା ଲଳିତଙ୍କ ପାଇଁ ଅର୍ଥ ଏବେ ପ୍ରତିବନ୍ଧକ ସାଜିଛି। ୨୦୦୬ରେ ଲଳିତଙ୍କ ଜନ୍ମ ପରେ ବାପା କେଉଁଆଡେ ଚାଲି ଯାଇଥିଲେ। ଫଳରେ ବହୁ କଷ୍ଟରେ ମା'ହେମଲତା ମାଝି ପୁଅକୁ କର୍ଲାମୁଣ୍ଡାସ୍ଥିତ ପଞ୍ଚାୟତ ସମିତି ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ପର୍ଯ୍ୟନ୍ତ ପାଠ ପଢେଇବାକୁ ସକ୍ଷମ ହୋଇଥିଲେ। ମାଟ୍ରିକ ପରୀକ୍ଷାରେ ଲଳିତ ୮୦ପ୍ରତିଶତରୁ ଅଧିକ ନମ୍ବର ପାଇ ପାସ କରି ଯୁକ୍ତ ୨ବିଜ୍ଞାନ ପଢିବାକୁ ଇଛା ପ୍ରକାଶ କରିଥିଲେ ହେଁ ଅର୍ଥ ବାଧକ ସାଜିଥିଲା। ଲଳିତଙ୍କ ଆଗ୍ରହ ଦେଖି ପଞ୍ଚାୟତ ସମିତି ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ସହଯୋଗ ପାଇଁ ଆଗେଇ ଆସିଥିଲେ। ବଲାଙ୍ଗୀରସ୍ଥିତ ଗାୟିତ୍ରୀ ଆବାସିକ ବିଦ୍ୟାଳୟ ଅଧକ୍ଷଙ୍କୁ ଯୋଗାଯୋଗ କରି ମାଗଣାରେ ଯୁକ୍ତ ୨ ବିଜ୍ଞାନ ପାଠ ପଢ଼ିବା ବ୍ୟବସ୍ଥା କରିଦେଇଥିଲେ। ସେଠାରେ ପଢି ଲଳିତ ବର୍ତ୍ତମାନ ୮୯.୮୩ %ମାର୍କ ରଖି ପାସ କରିଛନ୍ତି। ବର୍ତ୍ତମାନ ତାର



ଲଳିତ ମାଝି।

ଇଚ୍ଛା କେଉଁ ଏକ ଭଲ ଶିକ୍ଷାନୁଷ୍ଠାନରେ ମେଡିକାଲ କୋଚିଂ କରି ଭବିଷ୍ୟତରେ ଡାକ୍ତର ହେବାକ। ହେଲେ ଏଠି ଅର୍ଥ ହିଁ ତାର ଇଛା ଓ ଭବିଷ୍ୟତ ଆଗରେ ପ୍ରତିବନ୍ଧକ ହୋଇ ଠିଆ ହୋଇଛି। ଏ ଦିଗରେ ଏହି ଆଦିବାସୀ ମେଧାବୀ ଛାତ୍ର ପାଇଁ ସରକାର କିମ୍ବା କେଉଁ ସଂସ୍ଥା ଆଗେଇ ଆସି ସହଯୋଗର ହାତ ବଢେଇଲେ ଅନ୍ତତଃ ତାର ଇଚ୍ଛା ଫଳବତ ହୋଇପାରନ୍ତା ବୋଲିମତପ୍ରକାଶ ପାଇଛି।

**ଡିଖାଲି ଜଳସେଚନ ପ୍ରକଳ୍ପ**

# ଉଠାଜଳସେଚନ ପାଇଁ ଦାବିପତ୍ର

ଖଡ଼ିଆଳ,୨।୬(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ଓ ବୋଡ଼େନ ବ୍ଲକର ୧୩ ହଜାର ୫ଶହ ହେକ୍ଟର ଜମି ଓ ବଲାଙ୍ଗୀର ଜିଲାର ୧୬ ହଜାର ୪ଶହ ହେକ୍ଟର ଜମିକୁ ଡିଖାଲି ଜଳସେଚନ ପ୍ରକଳ୍ପରୁ ଜଳସେଚିତ ହେଉଛି। ୨୦୦୦ରେ ଏହି ଡ୍ୟାମ ନିର୍ମାଣ ଆରମ୍ଭ ହୋଇଥିଲା ଓ ୨୦୦୮ରେ କାର୍ଯ୍ୟକ୍ଷମ ହୋଇଥିଲା। କିନ୍ତୁ ବିଡମ୍ବନ ର ବିଷୟ ହେଲା ସାନମହେଶ୍ୱର ଗ୍ରାମ ପଞ୍ଚାୟତରେ ଏହି ଡ୍ୟାମ ହୋଇଥିଲେ ମଧ ଏହି ଗ୍ରାମର ଅଧିକାଂଶ ଜମିକୁ ଡ୍ୟାମ ପାଣି ମିଳୁନି। ସେହିପରି ନିକଟସ୍ଥ ବରଗାଁ ଗ୍ରାମପଞ୍ଚାୟତ ଅନେକ ଗ୍ରାମକୁ ଜଳସେଚନ ସୁବିଧା ପାଉନାହିଁ। ଏହି ୨ଗ୍ରାମ ପଞ୍ଚାୟତବାସୀ ଦୀର୍ଘଦିନରୁ ଉଠା ଜଳସେଚନ ବ୍ୟବସ୍ଥା କରି ଡିଖାଲିରୁ ଜଳସେଚନ ବ୍ୟବସ୍ଥା



କରିବାକୁ ଦାବି କରୁଛନ୍ତି। ଏ ନେଇ ଶୁକ୍ରବାର ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ବରଗାଁ ସରପଞ୍ଚ ଗୋବିନ୍ଦ ହାରୀ ବାରିକ, ସାନମହେଶ୍ୱର ସରପଞ୍ଚ ଆହ୍ଲାଦିନୀ ବେହେରା, ଶିକ୍ଷାବିତ ଗୌତମ ମୁଣ୍ଡ, ଜଗତରାମ ଶବର, କ୍ଷୀରୋଦ ବେହେରା, ପୁରୁଷମ ତାଣ୍ଡିଙ୍କ ସମେତ ଅନ୍ୟାନ୍ୟ ଚାଷୀ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଖଡ଼ିଆଳ କାର୍ଯ୍ୟାଳୟ ଆସି ଅଧିକ୍ଷଣ ଯନ୍ତ୍ରୀ ଗୋବର୍ଦ୍ଧନ ନାଏକଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଶୀଘ୍ର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନର ଚେତାବନୀ ଦିଆଯାଇଛି। ଏହି ବିଷୟରେ ଅଧିକ୍ଷଣ ଯନ୍ତ୍ରୀ ନାଏକଙ୍କୁ ପଚାରିବାରୁ ଏହି ପ୍ରସ୍ତାବ ଉପରିସ୍ଥ ଅଧିକାରୀଙ୍କୁ ପଠାଯାଇଛି ଓ ପାଶ ହୋଇ ଆସିଲେ କାର୍ଯ୍ୟକାରୀ ହେବ ବୋଲି କହିଥିଲେ।

# ଆଟିଗାଁ-ଏସ୍‌କୁଣ୍ଡାମାଲ ରାସ୍ତା ପାଇଁ ୪୬ କୋଟି ଟଙ୍କା ମଞ୍ଜୁର

ଭବାନୀପାଟଣା,୨।୬(ସ୍ୱ.ପ୍ର.)

ଖୁବ ଶୀଘ୍ର ସୁଧୁରିବାକୁ ଯାଉଛି ଜୁନାଗଡ ବ୍ଲକ ଆଟିଗାଁ-ଏସ୍ କୁଣ୍ଡାମାଲ ମୁଖ୍ୟ ରାସ୍ତା ଓ ଜୁନାଗଡ ହାତୀନଦୀ ବ୍ରିଜ ନିକଟରୁ ଆଟିଗାଁ ରାସ୍ତା। ପିଡବ୍ଲୁଡି ବିଭାଗ ପକ୍ଷରୁ ଉପରୋକ୍ତ ୨ଟି ରାସ୍ତା ୨୭ କି.ମି. ପାଇଁ ପ୍ରାୟ ୪୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିପାଇଁ ଇଷ୍ଟିମେଣ୍ଟ ପ୍ରସ୍ତୁତ କରାଯାଇ ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାହୀଯନ୍ତ୍ରୀଙ୍କୁ ପଠାଯାଇଛି। ସେଠାରୁ ଫେରି ଆସିଲେ ଶୀଘ୍ର ଟେଣ୍ଡର ଡକାଯାଇ କାର୍ଯ୍ୟ ଆରମ୍ଭ କରାଯିବ। ଚଳିତବର୍ଷ ଶେଷ ସୁଦ୍ଧା ଏହି ନୂତନ ରାସ୍ତାରେ ସ୍ଥାନୀୟ ଲୋକେ ଯାତାୟାତ କରିବେ ବୋଲି ଜଣାପଡିଛି। ଦୀର୍ଘ ବର୍ଷରୁ ଏହି ୨ଟି



ଆଟିଗାଁ-ଏସ୍‌କୁଣ୍ଡାମାଲ ମୁଖ୍ୟ ରାସ୍ତା।

ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଖାଲଡିପ ହୋଇ ଏହା ମରଣଯନ୍ତ୍ରା ପାଲଟିଛି। ଏବେ ପିଡବ୍ଲୁଡି ବିଭାଗକୁ ଏହି ୨ଟି ରାସ୍ତା ହସ୍ତାନ୍ତର ହେବା ପରେ ପ୍ରଥମ ଥର ପାଇଁ ଏହି ନୂତନ ରାସ୍ତାର କାର୍ଯ୍ୟ କରିବ ପିଡବ୍ଲୁଡି ବିଭାଗ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

# ମାଓବାଦୀ ଭୟ, ୪ ମୁଖ୍ୟ ରାସ୍ତା କାମ ଅଧାପନ୍ତରିଆ

ଭବାନୀପାଟଣା,୨।୬(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ୧୩ଟି ବ୍ଲକରୁ ୧୧ଟିରେ ମାଓବାଦୀ ନିଜର ସ୍ଥିତି ଜାହିର କରିଛନ୍ତି। ଦୁର୍ଗମ ଅଞ୍ଚଳର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା କାମ ମାଓବାଦୀଙ୍କ ଭୟରେ ଅଟକି ରହିଛି। ମାଓବାଦୀ ଭୟ ଅଞ୍ଚଳର ବିକାଶରେ ବାଧକ ସାଜିଥିବାବେଳେ ମାଓବାଦୀ ଦମନରେ ଜିଲା ପୋଲିସ ଓ ସୁରକ୍ଷା ବାହିନୀର ଅସହାୟତା ସ୍ପଷ୍ଟ ବାରି ହୋଇପଡୁଛି। ମାଓବାଦୀ ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ପିଚୁ ରାସ୍ତା ମରିଚିକା ପାଲଟିଥିବାବେଳେ ପିଏମ୍‌ଏସ୍‌ୱାଇ ରାସ୍ତା ପାଇଁ ସ୍ୱପ୍ନ ହୋଇଛି। ଭବାନୀପାଟଣା ସମେତ ଥୁ.ରାମପୁର ଓ ଲାଞ୍ଜିଗଡ଼ ବ୍ଲକର ଅନେକ ଦୁର୍ଗମ ଅଞ୍ଚଳକୁ ଗମନାଗମନ ସୁବିଧା ପାଇଁ ୨୦୧୨-୧୩ରୁ ବିଭିନ୍ନ ପର୍ଯ୍ୟାୟରେ ୪ଟି ପ୍ରମୁଖ ପିଚୁରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭବାନୀପାଟଣା ବ୍ଲକ ଯୁଗସାଇପାଟଣାଠାରୁ ଟିଟିଝୋଲା ୧୭ କି.ମି. ରାସ୍ତା ନିର୍ମାଣ ପାଇଁ ଓଆର୍-୧୫-୨୦୧ରେ ୭୦୭.୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୧୨ କି.ମି. ରାସ୍ତା ନିର୍ମାଣ ପାଇଁ ୩୨୦.୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ବଳକା ୫ କି.ମି. ରାସ୍ତା ମାଓବାଦୀ ଉପଦ୍ରବ ଯୋଗୁ ଠିକା ସଂସ୍ଥା କାର୍ଯ୍ୟ ବନ୍ଦ କରିଛି। ମାଓବାଦୀଙ୍କ ଦ୍ୱାରା ଠିକା ସଂସ୍ଥାକୁ ବାରମ୍ବାର ଧମକ ଓ ରାସ୍ତା ନିର୍ମାଣ ସମୟରେ ଜେସିବି, ଟ୍ରାକ୍ଟର ଯନ୍ତ୍ରପାତି ପୋଡ଼ିଦେବା ଘଟଣା ପରେ କାମ ବନ୍ଦ କରିଛି। ୫ କି.ମି. ରାସ୍ତା ନିର୍ମାଣ ପାଇଁ ତିନି ଥର ଟେଣ୍ଡର ପ୍ରକ୍ରିୟା ହୋଇଛି। ଶେଷରେ ଏହି ରାସ୍ତା ନିର୍ମାଣ ଅସମ୍ପୂର୍ଣ୍ଣ ଅବସ୍ଥାରେ ଜିଲା ପ୍ରଶାସନ ପକ୍ଷରୁ ବାତିଲ କରାଯାଇଛି।

ସେହିପରି ୨୦୧୨-୧୩ରେ ମଙ୍କାଗୁଡ଼ାଠାରୁ ପଣ୍ଡାପଦର ୧୪ କି.ମି. ରାସ୍ତା ନିର୍ମାଣ ପାଇଁ ୫୨୯.୧୧ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ହୋଇଥିବା ବେଳେ ୦.୨ କି.ମି. ରାସ୍ତା ନିର୍ମାଣ ପାଇଁ ୭୨.୯୪ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ମାଓବାଦୀଙ୍କ ଭୟ ଯୋଗୁ ଅଧପନ୍ତରିଆ ହୋଇପଡ଼ିରହିଛି। ୨୦୧୬-୧୭ରେ ଆରମ୍ଭ ହୋଇଥିବା ଗୁଣ୍ଡୁରୀଠାରୁ କଦମ ପର୍ଯ୍ୟନ୍ତ ୧୩.୨୦ କି.ମି. ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୧୧୭୪.୦୪ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା। ୧.୮୦ କି.ମି. ନିର୍ମାଣ କାର୍ଯ୍ୟ ପାଇଁ ୧୦୮.୦୩ ଲକ୍ଷ ଟଙ୍କା ବ୍ୟୟ ପରେ ମାଓବାଦୀଙ୍କ ବାରମ୍ବାର ହସ୍ତକ୍ଷେପ ଯୋଗୁ ଆଜି ପର୍ଯ୍ୟନ୍ତ ରାସ୍ତା ବନ୍ଦ ହୋଇ ପଡ଼ିରହିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ଶଗଡ଼ାଠାରୁ ଲିଲିଙ୍ଗପଦର ୩୦.୫ କି.ମି. ରାସ୍ତା ନିର୍ମାଣ ପାଇଁ ୧୪୭୮.୩୭ ଲକ୍ଷ ଟଙ୍କା ମଞ୍ଜୁର ହୋଇ ୧୭୪.୦୪ ଟଙ୍କା ଖର୍ଚ୍ଚରେ ୯.୨ କି.ମି. ରାସ୍ତା ନିର୍ମାଣ ପରେ ମାଓବାଦୀ ଭୟ ଯୋଗୁଁ ଅବଶିଷ୍ଟ କାମ ହୋଇପାରିନାହିଁ। ଏହି ୪ଟି ସଡ଼କ ଦୁର୍ଗମ ଅଞ୍ଚଳର ଶତାଧିକ ଗ୍ରାମ ପାଇଁ ଲାଇଫ୍ ଲାଇନ୍ ସାଜିଥିବା ବେଳେ ପୋଲିସ ଓ ପ୍ରଶାସନ ରାସ୍ତା ନିର୍ମାଣ କାର୍ଯ୍ୟ ନିମନ୍ତେ ସୁରକ୍ଷା ଯୋଗାଇ ପାରୁ ନ ଥିବା ଯୋଗୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ମିଳିତ ପ୍ରୟାସରେ ପିଏମ୍‌ଏସ୍‌ୱାଇ ରାସ୍ତା ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ଉତ୍ତରାଞ୍ଚଳ ପୋଲିସ ରେଞ୍ଜରେ ଅଦଳବଦଳ

**ସୁବର୍ଣ୍ଣପୁର ଜିଲାରୁ ଅନ୍ୟ ଜିଲାକୁ ଯିବେ ୬ ଇନ୍ସପେକ୍ଟର**

ସୋନପୁର,୨।୬(ନି.ପ୍ର.):୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ପ୍ରସ୍ତୁତି ଲାଗି ରାଜ୍ୟରେ ବଦଳି ଓ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି କ୍ରମରେ ଉତ୍ତରାଞ୍ଚଳ ପୋଲିସ ରେଞ୍ଜରେ ବଡଧରଣର ଅଦଳବଦଳ କରାଯାଇଛି । ସୁବର୍ଣ୍ଣପୁର ଜିଲାରେ ୩ ବର୍ଷ ପୂରଣ କରିଥିବା ୬ ପୋଲିସ ଇନ୍ସପେକ୍ଟରଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଇଛି । ସେହିପରି ଅନ୍ୟ ଜିଲାରୁ ୬ ଇନ୍ସପେକ୍ଟରଙ୍କୁ ସୁବର୍ଣ୍ଣପୁରକୁ ବଦଳି କରାଯାଇଛି । ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ, ସୁବଲୟା ଥାନା ଅଧିକାରିଣୀ ଅଞ୍ଜଳି କୁମ୍ଭାର, ତରଭା ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ ଓ ବିନିକା ଥାନା ଅଧିକାରୀ ପବିତ୍ର ସାହୁଙ୍କୁ ସମ୍ବଲପୁରକୁ, ରାମପୁର ଥାନା ଅଧିକାରୀ ଭାନୁଶଙ୍କର ଯାଦବଙ୍କୁ ବଲାଙ୍ଗୀରକୁ ଓ କୃଷ୍ଣଚନ୍ଦ୍ର ମେହେରଙ୍କୁ ଝାରସୁଗୁଡାକୁ ବଦଳି କରାଯାଇଛି । ସେହିପରି ସମ୍ବଲପୁର ଜିଲାରୁ ରାଜେଶ୍ୱରୀ ଭୋଇ, ଲୋକନାଥ ସାହୁ ଓ ଯୋଗେଶ୍ୱର ପଣ୍ଡାଙ୍କୁ ସୁବର୍ଣ୍ଣପୁର ଏବଂ ଝାରସୁଗୁଡାରୁ ନିର୍ମଳ ତ୍ରିପାଠୀ, ସାରଙ୍ଗଧର ପାଣିଗ୍ରାହୀ, ବଲାଙ୍ଗୀର ଜିଲାରୁ ପଞ୍ଚାନନ ନାୟକଙ୍କୁ ସୁବର୍ଣ୍ଣପୁରକୁ ବଦଳି କରାଯାଇଛି।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୨।୬: ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ବରମୁଣ୍ଡା ହାଇସ୍କୁଲରେ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସହଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ ଏବଂ ହିନ୍ଦୀ ଶିକ୍ଷକ ଯଦୁମଣି ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିପରି ଓଡ଼ିଶା ସ୍କୁଲ ଶିକ୍ଷକ ସଂଘ ଓଷ୍ଟାର ନବନିର୍ବାଚିତ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ନୀଳମଣି ପୁରୋହିତ ଏବଂ ସହସମ୍ପାଦକ ଆଶୁତୋଷ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ସଦାନନ୍ଦ ଷଡ଼ଙ୍ଗୀ, ଚନ୍ଦ୍ରଗୁପ୍ତ ନାୟକ, ଡା. ସୁଦାମ ଚରଣ ପ୍ରଧାନ, ରୋହିତ୍ ଲୁହା, ବସୁଦେବ ମାଝି, ପରିତୋଷ ହରିପାଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟରେ ପଢୁଥିବା ତଥା ପୁରାତନ ଛାତ୍ରୀଛାତ୍ର ଅବସରପ୍ରାପ୍ତ ଶିକ୍ଷକଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଶିକ୍ଷକ ସଞ୍ଜୟ କୁମାର ସିଂ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷକ ରମେଶ ପ୍ରଧାନ, ମହେନ୍ଦ୍ର କୁମାର ମାହାଣା ମାନପତ୍ର ପଠନ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଗଜାନନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରେନ ରହଣି ଉଦ୍‌ଘାଟନ କଲେ ବଲାଙ୍ଗୀର ଏମ୍‌ପି

ଡୁଙ୍ଗୁରିପାଲି,୨।୬(ଡି.ଏନ.ଏ.)

**ଡୁଙ୍ଗୁରିପାଲି ଷ୍ଟେଶନରେ ଇସ୍ପାତ ଓ ପୁରୀ -ଦୁର୍ଗ ଏକ୍ସପ୍ରେସ ଟ୍ରେନ ରହଣି**

ଜୁନ ୨ ତାରିଖଠାରୁ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଷ୍ଟେଶନରେ ଇସ୍ପାତ ଓ ପୁରୀ-ଦୁର୍ଗ ଏକ୍ସପ୍ରେସ ରହଣି କରିବ ବୋଲି କେନ୍ଦ୍ର ରେଳ ମନ୍ତ୍ରଣାଳୟ ବୋର୍ଡ ପକ୍ଷରୁ ଡୁଙ୍ଗୁରିପାଲି ଷ୍ଟେଶନ ମାଷ୍ଟରଙ୍କୁ ଚିଠି ହୋଇଥିଲା। ଉକ୍ତ ଖବର ପ୍ରଚାରିତ ହେବା ପରେ ଡୁଙ୍ଗୁରିପାଲି ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଥିଲା। ଶୁକ୍ରବାର ବଲାଙ୍ଗୀର ଏମ୍‌ପି ସଂଗୀତା କୁମାରୀ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଛନ୍ତି। ସମ୍ବଲପୁର ଡିଆରଏମ ବିନୀତ ସିଂ, ସିନିୟର ଡିଆରଏମ ଗରିମା ତିୱାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, କୋଭିଡ଼ ପୂର୍ବରୁ ଡୁଙ୍ଗୁରିପାଲିରେ ଇସ୍ପାତ ଓ ପୁରୀ -ଦୁର୍ଗ ଟ୍ରେନ ରହଣି ଥିଲା। କିନ୍ତୁ କୋଭିଡ ପରେ ଏହି ଦୁଇଟି ଟ୍ରେନ ରହଣିକୁ ବାତିଲ କରି ଦିଆଯାଇଥିଲା। ଏ ନେଇ ଡୁଙ୍ଗୁରିପାଲି ଅଞ୍ଚଳବାସୀ, ବିଭିନ୍ନ ସଂଗଠନ, ଗଣମାଧ୍ୟମ ପ୍ରତିନିଧି ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହି ଦାବି ପୂରଣ ହୋଇଥିବାରୁ ଏମ୍‌ପି ସିଂଦେଓଙ୍କୁ ଡୁଙ୍ଗୁରିପାଲି ବଣିକ ସଂଘ, ସେବା ଫାଉଣ୍ଡେଶନ, ମାରୱାଡି ଯୁବାମଞ୍ଚ, ଜିଲା ଟ୍ରକ ୟୁନିୟନ, ମିନିଟ୍ରକ ଆସୋସିଏଶନ, ସଚେତନ ନାଗରିକ, ବ୍ଲକ ସାମ୍ବାଦିକ ସଂଘ ତଥା ବିଭିନ୍ନ ମହଲରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ଅବସରରେ ଏକ ସଭା ଷ୍ଟେଶନ ପରିସରରେ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ସିଂଦେଓ ସଭାରେ ଡୁଙ୍ଗୁରିପାଲି ଷ୍ଟେଶନର ଉନ୍ନତି ହେବା ସହ ଜନସାଧାରଣ, ଯାତ୍ରୀମାନେ ଯେପରି ସୁବିଧା ପାରିବେ ସେ ଦିଗରେ ଦୃଷ୍ଟି ରଖିବା ପାଇଁ ସମ୍ବଲପୁର ଡିଆରଏମଙ୍କୁ ଅବଗତ କରାଇଥିଲେ। ସୁବର୍ଣ୍ଣପୁର ଜିଲାର ଏକମାତ୍ର ରେଳ ଷ୍ଟେଶନ ଡୁଙ୍ଗୁରିପାଲି। ଶୁକ୍ରବାର ଠାରୁ ଏହି ଦୁଇଟି ଟ୍ରେନ ରହଣି ହେବା ଦ୍ୱାରା ଅଞ୍ଚଳବାସୀ ସୁବିଧାରେ ବୁର୍ଲା, ସମ୍ବଲପୁର, ରାଉରକେଲା, କଟକ, ଭୁବନେଶ୍ୱର, ପୁରୀ ,ଟିଟିଲାଗଡ଼, ରାୟପୁରକୁ ସୁବିଧାରେ ଯିବା ଆସିବା କରି ପାରିବେ ବୋଲି କହିଥିଲେ। ଏହି ଟ୍ରେନ ରହଣି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ରେଳ ଷ୍ଟେଶନ ମାଷ୍ଟରଙ୍କ ସହ ସମସ୍ତ ରେଳ କର୍ମଚାରୀ, ଡୁଙ୍ଗୁରିପାଲି ସଚେତନ ନାଗରିକ ସଂଗଠନର ସମସ୍ତ କର୍ମକର୍ତ୍ତା, ଖୁଣ୍ଟପାଲି ଗ୍ରାମବାସୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ହେମନ୍ତ ବିଶ୍ୱାଳ, ଜିଲା ଭାଜପା ସଭାପତି ପ୍ରମୋଦ ମହାପାତ୍ର, ଶୁଖା ମଣ୍ଡଳ ସଭାପତି ସୁରେଶ ପଧାନ, ଡୁଙ୍ଗୁରିପାଲି ମଣ୍ଡଳ ସଭାପତି ନିତେଇ ପାଲ, ରାମପୁର ମଣ୍ଡଳ ସଭାପତି ଗୁପଧର ପଧାନ,ବିଶେଶ୍ୱର ଅଣାକାର, ବାସୁଦେବ ନାଏକ, ସୁନିଲ ବେହେରା, ରଥ ସାହୁ, ପ୍ରବୀର ସାହୁ, ମୁନସୀ ସିଂ, ସହଦେବ ବାରିକ, ବେଣୁଧର ଦଣ୍ଡସେନା, ଜୟନ୍ତ ବରିହା, ରୁଦ୍ର କିଶୋର ମହଲା ପ୍ରମୁଖ ଉପସ୍ଥିତ ଥିଲେ।



ଡୁଙ୍ଗୁରିପାଲି ଷ୍ଟେଶନରେ ଇସ୍ପାତ ଓ ପୁରୀ-ଦୁର୍ଗ ଟ୍ରେନ ରହଣି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଏମ୍‌ପି ଓ ଅନ୍ୟମାନେ ।

# ବାଦୀ ବ୍ରଦର୍ସଙ୍କୁ ହରାଇ ସିଦ୍ଧିକ୍ଷା ରେଲେ ଫାଇନାଲରେ

ବିନିକା,୨।୬(ଡି.ଏନ.ଏ.)

**ବିପିଏଲ କ୍ରିକେଟ ସିଜନ-୩**

ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟସ କ୍ଲବ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଆଇପିଏଲ ଢାଞ୍ଚାରେ ଚାଲିଥିବା ବିପିଏଲ ସିଜନ-୩ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟାର ମ୍ୟାଚରେ ବାଦୀ ବ୍ରଦର୍ସଙ୍କୁ ହରାଇ ସିଦ୍ଧିକ୍ଷା ରେଲେ ଫାଇନାଲକୁ ପ୍ରବେଶ କରିଛି। ଟସ୍ ଜିଣି ବାଦୀ ବ୍ରର୍ଦସ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୭ ଉଇକେଟ ହରାଇ ୪୦ ରନ କରିଥିଲା। ତାର ଜବାବରେ ସିଦ୍ଧିକ୍ଷା ୭ ଉଇକେଟ ହରାଇ ୭.୨ ଓଭରରେ ୪୧ରନ କରି ବିଜୟୀ ହୋଇଥିଲା। ମ୍ୟାଚକୁ ପ୍ରଦୀପ ମହାଲିଙ୍ଗ ଓ ସଂଗ୍ରାମ ଦାସ ପରିଚାଳନା କରିଥିଲେ । ଆଲୋକ ସେଠୀ ସ୍କୋରିଂ ଓ ମ୍ୟାଚର ଧାରା ବିବରଣୀ ଭବାନୀ ଶଙ୍କର ଜଗଦଲା ପ୍ରଦାନ କରିଥିଲେ। ସ୍ପୋର୍ଟସ କ୍ଲବ କୋଷାଧ୍ୟକ୍ଷ ହିମାଂଶୁ ଶେଖରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ବିନିକା ଫରେଷ୍ଟ ରେଞ୍ଜର ଡମ୍ବରୁଧର ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ଚଢେଇପଙ୍କ ହାଇସ୍କୁଲ ଖେଳ ଶିକ୍ଷକ ମୀନକେତନ ବାଘ, ସମ୍ମାନିତ ଅତିଥି ଭାବେ ପୂର୍ବତନ କ୍ରିକେଟ ତାରକା ସୁଶାନ୍ତ କୁମାର ପଣ୍ଡା, ଯୁବ ଓକିଲ ସୁରେଶ କୁମାର ମିଶ୍ର, ଶ୍ରୀଗଣେଶ ଏଣ୍ଟରପ୍ରାଇଜେସ ମାଲିକ ଶୁକଦେବ ପୁରୋହିତ, ଯୁଗ୍ମ ସମ୍ପାଦକ ରାଜ୍ୟ ସମାଜସେବୀ ମହାସଂଘ ଓଡିଶା ରାମ ଗୋପାଳ ବାଘ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଜେତା/ଉପ ବିଜେତା ତଥା ମ୍ୟାନ ଅଫ ଦି ମ୍ୟାଚ କିରଣ ରାଉତ, ବେଷ୍ଟ ବୋଲର ସୁଦର୍ଶନ ବେହେରା ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶନିବାର ତ୍ରିରଙ୍ଗା ୟୁଥ କ୍ଲବ ଓ ସାଗର-୧୧ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟାର ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



ଅତିଥି ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ଦୁର୍ଗମ ଅଞ୍ଚଳରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍



ଗାଁରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ।

ତଳଗାଁ,୨।୬(ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ୫ଟି ପାହାଡ଼ ଡେଇଁଲେ ପଡେ ରାଣୀସାହି । ଶୁକ୍ରବାର ଜିଲାସ୍ତରରୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ପାଦ ପଡିଥିଲା ରାଣୀସାହି ଗ୍ରାମରେ। ଡ. ସଂଘମିତ୍ରା ପଣ୍ଡା, ଡ. ମଦନମୋହନ ପ୍ରଧାନ, ଡ. ସିଦ୍ଧାର୍ଥ, କାମାକ୍ଷା ପ୍ରସାଦ ସାହୁ, ରବିନ ପ୍ରଧାନ ପ୍ରମୁଖ ଗ୍ରାମର ଜନସାଧାରଣଙ୍କୁ ମ୍ୟାଲେରିଆ ଠାରୁ କିପରି ଦୂରେଇ ରହିବ ସେ ନେଇ ସଚେତନ କରିଥିଲେ । ମଶାରୀ ଟାଣି ଶୋଇବା, ଘର ଚାରିପଟ ସଫା ରଖିବା, ବର୍ଷାଦିନେ ପିଲାଙ୍କୁ ପାଣି ଫୁଟାଇ ପିଇବାକୁ ଦେବା, ଜ୍ୱର ହେଲେ ସଙ୍ଗେ ସଙ୍ଗେ ରକ୍ତ ପରୀକ୍ଷା କରିବା ପାଇଁ ଜିଲାରୁ ଆସିଥିବା ଅଧିକାରୀଗଣ ବୁଝାଇଥିଲେ। ଏହି ଅବସରରେ କେତେଜଣଙ୍କ ରକ୍ତ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଗ୍ରାମବାସୀଙ୍କ କହିବା କଥା କୌଣସି ରୋଗରେ ଆକ୍ରାନ୍ତ ହେଲେ ଏତେ ଘାଟି ପାହାଡ ଡେଇଁ ତଳକୁ ଯାଇ ଚିକିତ୍ସିତ ହେବା କଷ୍ଟକର। ଏଣୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଗ୍ରାମରେ ପହଞ୍ଚି ରକ୍ତ ପରୀକ୍ଷା ସହ ଔଷଧ ପତ୍ର ଦେଇଥିବାରୁ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି। ତଳଗାଁ ମେଡିକାଲରେ କାର୍ଯ୍ୟ କରୁଥିବା ଫାର୍ମାସିଷ୍ଟ କାମାକ୍ଷ ପ୍ରସାଦ ସାହୁ ସମସ୍ତ କାମ ଠିକ ଭାବେ ତୁଲାଉଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିବା ଜଣାଯାଇଛି ।

# ବସ୍ ଧକ୍କାରେ ସ୍କୁଟି ଚାଳକ ମୃତ

ବୌଦ୍ଧ/ପୁରୁଣାକଟକ,୨।୬(ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଆଡେଣୀଗଡ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ବସ୍ ସ୍କୁଟିକୁ ଧକ୍କା ଦେବା ଫଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଭୁବନେଶ୍ୱରରୁ ରାୟପୁର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସ ଗ୍ରାଣ୍ଡ (ନଂ ଓଡି-୦୫-ଏଇ-୮୪୨୯) ଆଡେଣୀଗଡ ନିକଟରେ ଏକ ସ୍କୁଟି ( ନଂଓଡି-୦୨-ବିଯ୍ଲୁ-୪୩୭୪)କୁ ଧକ୍କା ଦେଇଥିଲା । ଫଳରେ ସ୍କୁଟି ଚାଳକ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ବଡବାରେଣୀ ଗ୍ରାମର ବାଲୁଙ୍କେଶ୍ୱର ବାରିକ ( ୪୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଖବରପାଇ ଆଡେଣୀଗଡ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ବସ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି । ଦୁର୍ଘଟଣା ଘଟାଇଥିବା ବସକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି ।

# ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବରପାଲି,୨।୬(ଡି.ଏନ୍.ଏ.)

ବରପାଲି ବ୍ଲକ ଅନ୍ତର୍ଗତ ଲୋକକଳାଗାଁ କୁମ୍ଭାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ପଟେଲଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଗଙ୍ଗାଧର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ରାମଜୀ ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ସିଆର୍‌ସିସି ନିମାଇଁ ଚରଣ ଦାଶ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଜୟନ୍ତ କୁମାର ପୁଝାରୀ ଧନ୍ୟବାଦ ଦେଇଥିଲେ।




ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷକଙ୍କ ସହ ଅନ୍ୟମାନେ।

# ଖବର ଶିରୋନାମାରେ ଥିଲେ ଭାରପ୍ରାପ୍ତ ଜିଲାପାଳ



ନୂତନ ଜିଲାପାଳ ବିମଳେନ୍ଦୁ ରାୟ।

ସୋନପୁର,୨।୬(ନି.ପ୍ର.)

**ନୂତନ ଜିଲାପାଳ ନିଯୁକ୍ତି**

ବରିଷ୍ଠ ଓଡିଶା ପ୍ରଶାସନିକ ସେବା ଅଧିକାରୀ ବିମଳେନ୍ଦୁ ରାୟଙ୍କୁ ରାଜ୍ୟ ସରକାର ସୁବର୍ଣ୍ଣପୁର ଜିଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି। ପ୍ରକାଶ ଯେ, ଗତ ଏପ୍ରିଲ ୬ ତାରିଖରେ ସୁବର୍ଣ୍ଣପୁର ପ୍ରାକ୍ତନ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କୁ ଝାରସୁଗୁଡାକୁ ବଦଳି କରାଯାଇଥିଲା। ଉପନିର୍ବାଚନ ପାଇଁ ତାଙ୍କୁ ହଠାତ ବଦଳି କରା ଯାଇଥିଲା। ଉପନିର୍ବାଚନ ସରିବା ପରେ ସେ ପୁଣି ସୁବର୍ଣ୍ଣପୁର ଫେରିବେ ବୋଲି ଚର୍ଚ୍ଚା ହେଉଥିଲା। ଏପରିକି ନରୱଣେ ୨ ମାସ ଧରି ଝାରସୁଗୁଡା ଜିଲାପାଳ ଭାବେ କାର୍ଯ୍ୟ କରିଥିଲେ ମଧ ନିଜର ଆସବାବପତ୍ର ସୁବର୍ଣ୍ଣପୁର ସ୍ଥିତ ସରକାରୀ ବାସଭବନରୁ ନେଇ ନଥିଲେ। ତାଙ୍କ ନାମ ଫଳକ ଅଫିସ ଓ ବାସଭବନରୁ ହଟି ନ ଥିଲା। ମଝିରେ ମଝିରେ ସେ ସୁବର୍ଣ୍ଣପୁର ଆସୁଥିଲେ। ତେବେ ଭାରପ୍ରାପ୍ତ ଜିଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ କିଛି ଦିନ ହେବ ଖବରର ଶିରୋନାମାରେ ରହିଥିଲେ । ବଲାଙ୍ଗୀର ତହସିଲଦାର ଥିବା ସମୟରେ ଦାଶଙ୍କ ଅବହେଳା ପାଇଁ ସରକାରଙ୍କ ୨ କୋଟି ୪୨ ଲକ୍ଷ ୬୬ ହଜାର ୧୧୭ ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା । ୧୩ ବର୍ଷ ତଳର ଅଡିଟ୍ ରିପୋର୍ଟକୁ ନେଇ ଭାରପ୍ରାପ୍ତ ଜିଲାପାଳ ଦାଶଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ କରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସକାଶେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ସରକାରଙ୍କୁ ସୁପାରିସ କରିଥିଲେ। ଏନେଇ ଧରିତ୍ରୀରେ ପ୍ରଥମେ ଖବର ପ୍ରକାଶ ପାଇଥିଲା । ସୂଚନାଯୋଗ୍ୟ, ଦାଶ ଦୀର୍ଘ ବର୍ଷ ଧରି ସୁବର୍ଣ୍ଣପୁର ଜିଲାରେ ବିଭିନ୍ନ ପଦ ପଦବୀରେ କାର୍ଯ୍ୟ କରି ଆସୁଛନ୍ତି। ତେଣୁ ଦାଶଙ୍କୁ ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରିବା ପାଇଁ ରାଜ୍ୟ ସରକାର ନୂତନ ଜିଲାପାଳଙ୍କୁ ନିଯୁକ୍ତି ଦେଇଥିବା ଚର୍ଚ୍ଚା ହେଉଛି।

# ଅଧ୍ୟକ୍ଷା ରେଖା ପଧାନ ସମ୍ମାନିତ



ଅଧ୍ୟକ୍ଷାଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଉଛି।

ବିନିକା.୨।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାର ବିନିକା ସିଦ୍ଧାର୍ଥ ଜୁନିୟର କଲେଜ ତମାଖୁ ମୁକ୍ତ ଭାବେ ଘୋଷିତ ହୋଇଛି । ଏଣୁ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ବୁଧବାର ଜିଲା ପ୍ରଶାସନ ତରଫରୁ କଲେଜ ଅଧ୍ୟକ୍ଷା ରେଖା ପଧାନଙ୍କୁ ସମ୍ମାନିତ କରାଯାଇଛି। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଆୟୋଜିତ ଉତ୍ସବରେ ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାସ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱରଞ୍ଜନ ପତି ମାନପତ୍ର ଦେଇ ତାଙ୍କୁ ସମ୍ମାନିତ ହୋଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି। ଅଧ୍ୟକ୍ଷା ପଧାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଫେରାର ଅଭିଯୁକ୍ତ ଗିରଫ

ବାଉଁଶୁଣୀ,୨।୬(ଡି.ଏନ.ଏ.)

**ଗଞ୍ଜେଇ ଚୋରା ଚାଲାଣ ମାମଲା**

ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତ ସାନ୍ତୁମ ଗ୍ରାମରୁ ବାଉଁଶୁଣୀ ପୋଲିସ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ସମ୍ପୃକ୍ତ ଥିବା ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୨୧ ମସିହାରେ ବାଉଁଶୁଣୀ ଥାନା ବ୍ରାହ୍ମଣୀପାଲି ଗ୍ରାମ ପଞ୍ଚାୟତ ସାନ୍ତୁମ ଗ୍ରାମର ଦେବାର୍ଚ୍ଚନ ପ୍ରଧାନ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଅଭିଯୁକ୍ତ ଥିବା ବେଳେ ଫେରାର ଥିଲେ। ତାଙ୍କ ନାମରେ ବାଉଁଶୁଣୀ ଥାନାରେ ୧୭୯/୨୧ ରେ ମାମଲା ରୁଜୁ ହୋଇଥିଲା । ପୋଲିସ ଦୁଇ ବର୍ଷ ହେଲା ତାଙ୍କୁ ଖୋଜୁଥିଲା । ଗୁରୁବାର ରାତିରେ ଅଭିଯୁକ୍ତ ନିଜ ଘର ସାନ୍ତୁମରେ ଥିବା ଖବର ପାଇ ବାଉଁଶୁଣୀ ଥାନା ଅଧିକାରୀ ଅରୁଣ ସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ ହୋଇ ଚଢାଉ କରାଯାଇଥିଲା। ଚଢାଉ ବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା

କୋକସରା,୨।୬(ଡି.ଏନ.ଏ.)

**କୋକସରା ପଞ୍ଚାୟତ ସମିତି ବୈଠକ**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତି ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ବିଡିଓ ଉତ୍ତମ କୁମାର ବାଗ, ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, କୋକସରା ଜୋନ ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ମୋଟେର ଜୋନ ଜିଲା ପରିଷଦ ସଭ୍ୟା ବୈଜୟନ୍ତି ପୁଝାରି, ଏମ୍‌ପି ପ୍ରତିନିଧି ସୁଧୀର ପାତ୍ର, ୨୨ଟି ପଞ୍ଚାୟତର ସମିତି ମେମ୍ବର, ସରପଞ୍ଚମାନେ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ସହ ବ୍ଲକର ବିଭିନ୍ନ ପଞ୍ଚାୟତରେ ରହିଥିବା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି, ପିଡିଏସ, ଶିଶୁ ବିକାଶ ପ୍ରକଳ୍ପ, ଆବାସ ଘର, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ବିଭାଗୀୟ ଅଧିକାରୀଙ୍କଠାରୁ ତଥ୍ୟ ମାଗିବା ସହ କେମିତି ଆଗକୁ ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ହେବ ସେ ନେଇ ଆଲୋଚନା କରିଥିଲେ। ଲଡୁଗାଁ ସରପଞ୍ଚ ନକୁଳ ନାଏକ ପଞ୍ଚାୟତରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସମିତି ସଦସ୍ୟଙ୍କ ପକ୍ଷରୁ ଘନଶ୍ୟାମ ନାଏକ, ଗଜାନନ ନିଆଲ ପ୍ରମୁଖ ସମିତି ବୈଠକକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ପ୍ରତି ୨/୩ ମାସରେ ସମିତି ବୈଠକ ରଖିବାକୁ ମତ ଦେଇଥିଲେ। ଏହା ଉପରେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ମତ ରଖି ବିଡିଓଙ୍କ ଅନୁପସ୍ଥିତ ଓ ଅନ୍ୟାନ୍ୟ କାରଣରୁ ବୈଠକ ଡେରି ହୋଇଥିବା ନେଇ ନିଜ ପକ୍ଷ ରଖିବା ସହ ଉପସ୍ଥିତ ଜନ ପ୍ରତିନିଧିଙ୍କୁ ସମନ୍ୱୟ ରକ୍ଷା କରିବା ସହ ଉନ୍ନୟନ କାର୍ଯ୍ୟରେ ସହଯୋଗ କରିବା ପାଇଁ ଉପସ୍ଥିତ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ବୈଠକରେ କ୍ଷୁଦ୍ର ଜଳସେଚନ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ଜିପିଓ ନାରାୟଣ ଭୋଇ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ବିଏସଏସଓ ଦୀପକ କୁମାର ବେହେରା, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୨ ମାଲବାହୀ ଟ୍ରକ୍ ମୁହାଁମୁହିଁ ଧକ୍କା

କୁଆଁରମୁଣ୍ଡା (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ୧୪୩ ନଂ ଜାତୀୟ ରାଜପଥ ବୀରମିତ୍ରପୁର ଥାନା ଅନ୍ତର୍ଗତ ରାଣିସତୀ ମନ୍ଦିର ସମ୍ମୁଖରେ ଶୁକ୍ରବାର ଭୋର୍ ସମୟରେ ୨ ମାଲବାହୀ ଟ୍ରକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଛି। ଫଳରେ ୨ ଚାଳକ ଆହତ ହୋଇଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୨ ଆହତଙ୍କୁ ବୀରମିତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଗାଡ଼ି ଦ୍ୱୟକୁ ଥାନାରେ ରଖି ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଯୁବକଙ୍କଠୁ ଠକିନେଲେ ୨୧ ହଜାର ଟଙ୍କା

କୁତ୍ରା,୨।୬(ଡି.ଏନ୍.ଏ.): ଅଙ୍ଗନୱାଡି ଦିଦିଙ୍କୁ ମୋହରା କରି ସାଇବର ଠକ ଯୁବକଙ୍କଠାରୁ ୨୧ ହଜାର ଟଙ୍କା ଲୁଟି ନେଇଛନ୍ତି। କୁତ୍ରା ବ୍ଲକ ବିରତୁଲା ଗ୍ରାମର ଦୀପକ ଲାକଡାଙ୍କ ପାଖକୁ ଗୁରୁବାର ସକାଳେ ମହିଳା ଓ ଶିଶୁ ବିକାଶ ଅଫିସରୁ କୁହୁଛୁ ବୋଲି କହି ଏକ ଫୋନ୍ କଲ ଆସିଥିଲା। ମମତା ଯୋଜନାରେ ୩ ହଜାର ଟଙ୍କା ପଠାଯାଇଛି ଏବଂ ଅବଶିଷ୍ଟ ଟଙ୍କା ପାଇବା ପାଇଁ ତାଙ୍କ ଆକାଉଣ୍ଟ ନମ୍ବର ମାଗିଥିଲେ। ଯୁବକ ଏଥିରେ ରାଜି ନ ହେବାରୁ ସ୍ଥାନୀୟ ଅଙ୍ଗନୱାଡି ଦିଦିଙ୍କ ସହ କନଫରେନ୍ସ କରିଥିଲେ। ପରେ ଯୁବକ ଜଣଙ୍କ ଏଥିରେ ବିଶ୍ୱାସ କରି ଗୁଗୁଲ୍ ପେ'ରେ ଟଙ୍କା ପଠାଇଥିଲେ। ଗୁଗଲ୍ ପେ' ପ୍ରୋସେସିଙ୍ଗରେ ଅଟକି ରହିଛି ବୋଲି କହିବାରୁ ନେଟୱାକ୍ ଧିମା ଅଛି ବୋଲି କହିବା ସହ ଏକ ଲିଙ୍କ୍ ପଠାଉଛୁ ଏହାକୁ କ୍ଲିକ କର ବୋଲି ଯୁବକଙ୍କୁ କହିଥିଲେ। ପରେ ଦୀପକଙ୍କ ଆକାଉଣ୍ଟରୁ ୨୧ ହଜାର ଟଙ୍କା ଠକି ନେଇଥିଲେ। ତେବେ ଏହି ଘଟଣାକୁ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ପୁଅର ଠେଙ୍ଗା ମାଡ଼ରେ ବାପା ମୃତ

କୁତ୍ରା,୨।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଧୀନ ପଞ୍ଚରା ପଞ୍ଚାୟତର ତେଲେନଡ଼ିପା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ଠେଙ୍ଗା ମାଡ଼ରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଅନିଲ କୁଜୁର(୫୦)। କୁତ୍ରା ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଅମରଜିତ କୁଜୁର (୩୦) ସୁରଟରେ ରହି କାର୍ଯ୍ୟ କରନ୍ତି। ଶୁକ୍ରବାର ସକାଳୁ ସେ ସୁରଟରୁ ଆସି ଘରେ ପହଞ୍ଚି ଥିଲେ। ତାଙ୍କ ସ୍ତ୍ରୀଙ୍କୁ ବାପା ଅନିଲ ନିୟମିତଭାବେ ମାଡ଼ ମାରୁଥିବା ଏପରିକି ୨ ଦିନ ତଳେ ପ୍ରବଳ ମାଡ଼ ମାରିଥିବାରୁ ସେ ଠିକରେ ଚାଲି ପାରୁ ନ ଥିବା ଦେଖିବାକୁ ପାଇଥିଲେ। ରାଗରେ ଠେଙ୍ଗାରେ ବାପାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ଅନିଲଙ୍କ ମୃତ୍ୟୁ ହୋଇଥିଲା।

### ୨ବରିଷ୍ଠ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସୁନ୍ଦରଗଡ଼,୨।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ୨ ବରିଷ୍ଠ କର୍ମଚାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଓ ମଞ୍ଜୁଶ୍ରୀ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ କୃତଜ୍ଞତା ଜଣାଇବା ସହ ସୁସ୍ଥ ଓ ନିରାମୟ ଜୀବନ ବିତାଇବା ପାଇଁ କାମନା କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ। ଉଭୟେ ଦୀର୍ଘ ୩୭ ବର୍ଷ ଧରି ମହାବିଦ୍ୟାଳୟରେ ନିଷ୍ଠାପରଭାବେ ସେବା ଯୋଗାଇ ଆସୁଥିଲେ।

# ମଦ ବିକ୍ରି ବନ୍ଦ କରିବ ନିଶା ନିବାରଣ କମିଟି

ବଡ଼ଗାଁ,୨।୬( ଡି.ଏନ୍.ଏ.)



ମହିଳା, ଯୁବକ ଓ ବୃଦ୍ଧମାନେ ହାତରେ ପ୍ଲାକାର୍ଡ ଧରି ଗାଁରେ ମଦ ବିକ୍ରି ନିଷେଧ ପାଇଁ ଦାବି କରୁଛନ୍ତି।

ବଡ଼ଗାଁ ବ୍ଲକ ଫୁଲବାରି ପଞ୍ଚାୟତ କୁରେଇବଗା ଗ୍ରାମରେ ଦୀର୍ଘ ବର୍ଷ ହେଲା ଅବାଧରେ ଦେଶୀ ମହୁଲି ମଦ, ବିଦେଶୀ ମଦ ଓ ହାଣ୍ଡିଆ ବିକ୍ରି ହୋଇ ଆସୁଛି। ଫଳରେ ଗ୍ରାମରେ ଅଶାନ୍ତ ବାତାବରଣ ଦେଖିବାକୁ ମିଳୁଛି। ଏନେଇ ଗ୍ରାମବାସୀ ବଡଗାଁ ଅବକାରୀ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଶେଷରେ ଗ୍ରାମବାସୀ ନିଜେ ମଦ ବିକ୍ରି ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଧର୍ମଶାଳାଠାରେ ସର୍ବସାଧାରଣ ବୈଠକ ଶୁକ୍ରବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଯୋଗଦେଇଥିଲେ। ମଦ ବିକ୍ରି ଯୋଗୁ ଦେଖାଦେଇଥିବା ସମସ୍ୟା ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଗ୍ରାମ୍ୟ ପରିଚାଳନା କମିଟି ଆହ୍ୱାନ କ୍ରମେ ହୋଇଥିବା ଏହି ବୈଠକରେ ଲୋକଙ୍କ ସହମତି କ୍ରମେ ନୂତନ ଗ୍ରାମ୍ୟ ପରିଚାଳନା କମିଟି ଗଠନ କରାଯାଇଥିଲା। କମିଟି ସଭାପତିଭାବେ କିଶୋର ସୁଣ୍ୟନିଙ୍କୁ ଚୟନ କରାଯାଇଥିବାବେଳେ ଦିଗଧନ ପୃଷେଟ ଉପ ସଭାପତି ଓ ମନୋଜ ପୃଷେଟଙ୍କୁ ସମ୍ପାଦକଭାବେ ଚୟନ କରାଯାଇଛି। ଏଥି ସହିତ ମଦ ବିକ୍ରି ବନ୍ଦ କରିବା ଉଦ୍ଦେଶ୍ୟରେ ନିଶା ନିବାରଣ କମିଟି ଗଠନ କରାଯାଇଥିଲା। ଯୋଶୋବନ୍ତ ପୃଷେଟ, ନିଳାବତୀ ପୃଷେଟ, ସଞ୍ଜୁଲତା ପୃଷେଟ, ଗରିଧାରି ନାୟକ, ଚମ୍ପକ ସା, କ୍ଷୀତେସ୍ୱର ପୃଷେଟଙ୍କୁ ନେଇ ଗଠିତ କମିଟି ଓ ଗ୍ରାମ୍ୟ କମିଟି ସଦସ୍ୟ ମଦ ବିକ୍ରି ଉପରେ ଏଣିକି ତୀକ୍ଷ୍ଣ ଦୃଷ୍ଟି ରଖିବେ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବୈଠକରେ ସହମତି ପ୍ରକାଶ ପାଇଥିଲା। ବୈଠକ ପରେ ଶତାଧିକ ଲୋକ ପ୍ଲା କାର୍ଡ ଧରି ମଦ ବେପାରୀଙ୍କୁ ଚେତାଇ ଦେବା ପାଇଁ ଏକ ରାଲି କରି ଗ୍ରାମ ପରିକ୍ରମା କରିଥିଲେ। ଏହି ଗ୍ରାମର ୫ ପରିବାର ମଦ ବିକ୍ରି କରୁଥିବା ଜଣାପଡ଼ିଛି। ଅବକାରୀ ଓ ପୋଲିସ ପଦକ୍ଷେପ ନେବାକୁ ଦାବି ହେଉଛି।

# ଆର୍ଆଇଙ୍କ ବିରୋଧରେ ଅଭିଯୋଗ ଆଣିଲେ ୨ ସରପଞ୍ଚ

କୁତ୍ରା,୨।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ଆରଆଇ ଡେମ୍ପଲତା କଂସରାଲିଙ୍କ ମନମୁଖି କାର୍ଯ୍ୟ ନେଇ ଜନ ଅସନ୍ତୋଷ ଦେଖିବାକୁ ମିଳୁଛି। ବିଭିନ୍ନ କାମ ନେଇ ପ୍ରତ୍ୟେକ ଦିନ ସାଧାରଣ ଲୋକ ତହସିଲ କାର୍ଯ୍ୟାଳୟକୁ ଆସୁଛନ୍ତି। କିନ୍ତୁ ସୁରୁଖୁରୁରେ କାର୍ଯ୍ୟ ହେବା ପରିବର୍ତ୍ତେ ବିଭିନ୍ନ କାରଣ ନେଇ ତାଙ୍କୁ ହଇରାଣ କରାଯାଉଛି। ଏନେଇ ଆରଆଇଙ୍କ ବିରୁଦ୍ଧରେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି କୁତ୍ରା ସରପଞ୍ଚ ଭୁବନ କୁଜୁର ଏବଂ ତୁନମୁରା ସରପଞ୍ଚ ତରୁଣୀସେନ ବରିହା। ତାଙ୍କ ଅଭିଯୋଗ ହେଉଛି, ଛାତ୍ରୀଛାତ୍ର, ସାଧାରଣ ଲୋକ ତଥା ଚାକିରିଆ କର୍ମଚାରୀ ଜାତି ପ୍ରମାଣପତ୍ର, ସ୍ଥାୟୀ ବାସଗୃହ ପ୍ରମାଣପତ୍ର ଓ ବାର୍ଷିକ ଆୟ ପ୍ରମାଣପତ୍ର ପାଇଁ ଆବେଦନ କରିଛନ୍ତି। ତେବେ ଲୋକେ ଏହା ସୁରୁଖୁରୁରେ ପାଇବା ପରିବର୍ତ୍ତେ ହାଇରାଣ ହେଉଛନ୍ତି। ଯେଉଁ କାର୍ଯ୍ୟ ପାଇଁ ଆବେଦନ କରିଥାନ୍ତି ସେହି କାର୍ଯ୍ୟ ସରିବା ପରେ ମିଳୁଥିବା ଅଭିଯୋଗ ହେଉଛି। ଯାହାଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହାଛଡ଼ା ସରପଞ୍ଚମାନେ ଆବଶ୍ୟକ ସ୍ଥଳେ ତାଙ୍କ ଲେଟର ପ୍ୟାଡରେ ରିଜୋଲୁଶନ ଲେଖିକି ଦେଉଥିବା ବେଳେ ଆରଆଇ ଜଣକ ଏହା ଗ୍ରହଣୀୟ ନୁହେଁ ବୋଲି ପ୍ରମାଣପତ୍ରଗୁଡ଼ିକୁ ଖାରଜ କରୁଥିବା କହିଛନ୍ତି ସରପଞ୍ଚ। ଏହାକୁ ନେଇ ଆରଆଇ ଓ ଉଭୟ ସରପଞ୍ଚଙ୍କ ମଧ୍ୟରେ ବଚସା ମଧ୍ୟ ହୋଇଛି। ଏନେଇ ଆରଆଇଙ୍କୁ ପଚାରିବାରୁ, ଲୋକଙ୍କୁ ହଇରାଣ କରିବା ତାଙ୍କ ଉଦ୍ଦେଶ୍ୟ ନୁହେଁ କିମ୍ବା ଜାଣିକି ତାଙ୍କୁ ହଇରାଣ କରାଯାଉନାହିଁ। ଆମେ ଲୋକଙ୍କ ପାଇଁ ଚାକିରି କରିଛୁ ଲୋକଙ୍କ ସେବା କରିବୁ ବୋଲି କହିଛନ୍ତି। ଯାହାର ସରପଞ୍ଚ ଲେଖା ସହିତ ଅନ୍ୟ ଜରୁରୀ କାଗଜପତ୍ର ନ ଥାଏ ତାଙ୍କର କେବଳ ଡେରି ହୁଏ ବୋଲି ସେ କହିଥିଲେ।

# ଉନ୍ନତିମୂଳକ କାର୍ଯ୍ୟ ନେଇ ଜିଲାପାଳଙ୍କ ଆଲୋଚନା

ସୁନ୍ଦରଗଡ଼,୨।୬(ଡି.ଏନ୍.ଏ)



ଜିଲାପାଳଙ୍କ ସହ ଆଲୋଚନା କରୁଛି ଏକ ପ୍ରତିନିଧି ମଣ୍ଡଳୀ।

ସୁନ୍ଦରଗଡ଼ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଡ. ପରାଗ ହର୍ଷଦ ଗଭାଲିଙ୍କୁ ଶୁକ୍ରବାର ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଛନ୍ତି। ରାଜଗାଙ୍ଗପୁର ଓ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ସେମାନେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ମଙ୍ଗଳା କିଷାନଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ଆଲୋଚନା ସମୟରେ ବିଭିନ୍ନ କାର୍ଯ୍ୟ ଗୁଡ଼ିକ ଯଥା ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଦାବି କରିଥିଲେ। ରାଜଗାଙ୍ଗପୁର, କୁତ୍ରା ଏବଂ ଲାଠିକଟା ବ୍ଲକରେ ପିଇବା ପାଣି ପାଇଁ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୂର କରିବା ପାଇଁ ନିର୍ଦ୍ଧାରିତ ସ୍ଥାନରେ ନଳକୂପ ଖୋଳିବା, ଖତକୁରବାହାଲରେ ଥିବା ପୋଖରୀକୁ ଜେଏସଡବ୍ଲ୍ୟୁକମ୍ପାନୀ କାଟି ଦେଇଥିବାରୁ ପାଣି ସବୁ ବାହାରି ଯାଇଛି। ଏଥିପ୍ରତି ନଜର ଦେବାକୁ ଜିଲାପାଳଙ୍କୁ କିଷାନ ଅନୁରୋଧ କରିଥିଲେ। ସେହିପରି ବିଜେଡିର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ ଜିଲା ମୁଖ୍ୟରାସ୍ତା ଷ୍ଟେଟ୍ ବ୍ୟାଙ୍କ ଛକଠାରୁ ପୋଲିସ ଖେଳପଡ଼ିଆ ମଧ୍ୟରେ ଶଙ୍କରା ଭିତରେ ଯାଇଥିବା ରାସ୍ତା ଅନେକ ବର୍ଷ ହେଲା ଅଣଓସାରିଆ ହୋଇ ରହିଥିବାରୁ ଏଠାରେ ସବୁବେଳେ ରାସ୍ତାଜାମ ହେବା ସହିତ ଦୁର୍ଘଟଣା ବଢ଼ି ଚାଲିଛି । ତେଣୁ ଅତିଶୀଘ୍ର ଏହି ରାସ୍ତା ଚଉଡ଼ା କରିବାରେ ରୟତି ଜମି ଯାଉଥିବା ଲୋକଙ୍କୁ ଜିଲା ପ୍ରଶାସନ ଉଚିତ କ୍ଷତିପୂରଣ ଦେଇ ରାସ୍ତା ଚଉଡ଼ା କରିବା ପାଇଁ ଦାବି ହୋଇଛି। ରାସ୍ତା ଚଉଡ଼ା କରିବା ପାଇଁ ଷ୍ଟେଟବ୍ୟାଙ୍କ ଛକ ପାଖରେ ଥିବା ସମସ୍ତ ଦୋକାନ ଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ରାସ୍ତା ତିଆରି ନ ହୋଇ ସେଇ ଖାଲିଜାଗାରେ ଲୋକେ ଗାଡ଼ିପାର୍କିଂ କରୁଛନ୍ତି। ଫଳରେ ଏଠାରେ ସବୁବେଳେ ପୂର୍ବପରି ଭିଡ଼ ଲାଗି ରହିବା ସହିତ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ଗୁଡ଼ିକ ମଧ୍ୟ ଭିଡ଼ରେ ଫସି ରହୁଛି। ତେଣୁ ଭିଡ଼କୁ କମେଇବା ପାଇଁ ଦୋକାନ ଭଙ୍ଗାଯାଇଥିବା ଜାଗାରେ ଶୀଘ୍ର ରାସ୍ତା ତିଆରି କରାଯିବା ସହିତ ବର୍ଷା ଆରମ୍ଭ ହେବା ପୂର୍ବରୁ ସହରର ସମସ୍ତ ଡ୍ରେନ୍ ଗୁଡ଼ିକ ମ୍ୟୁନିସିପାଲିଟି ଦ୍ୱାରା ସଫା କରେଇବା, ସହରର ମୁଖ୍ୟଡ୍ରେନ୍ ମଦର ଡ୍ରେନ୍ର କାର୍ଯ୍ୟକୁ ତ୍ୱରିତ କରିବା, ସହରବାସୀ ଠିକ ସମୟରେ ଏବଂ ଠିକ ଭାବରେ ପିଇବା ପାଣି ପାଇପ ଦ୍ୱାରା ପାଉ ନ ଥିବା ଯୋଗୁଁ ଲୋକେ ବହୁତ ହଇରାଣ ହେଉଥିବାରୁ ଏହି ଅସୁବିଧା ଶୀଘ୍ର ଦୂର କରିବାକୁ ଦାବି ସହିତ ରଥଯାତ୍ରା ପୂର୍ବରୁ ରାଜବାଟି ଜଗନ୍ନାଥ ମନ୍ଦିର ଓ ସୁନାରୀପଡ଼ା ଜଗନ୍ନାଥ ମନ୍ଦିରର ରଥ ଟଣାଯିବା ରାସ୍ତାକୁ ଭଲଭାବେ ସଫା କରାଯାଇ ବ୍ଲିଚିଂ ପାଉଡ଼ର ଦେବା ସହିତ ରାସ୍ତାର ଅନେକ ଲାଇଟ ଜଳୁ ନ ଥିବାରୁ ସବୁ ରାସ୍ତାର ଲାଇଟ ଗୁଡ଼ିକ ଠିକ କରିବା ଏବଂ ସହରର ନଦୀ କଡେ କଡେ ରିଙ୍ଗରୋଡ଼ ତିଆରି କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ କିଷାନଙ୍କ ସହିତ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଏମ୍‌ଡି ସାନୁଲ୍ଲା ଏବଂ ରାଜୁ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ୱିତୀୟ ଦିନରେ ଅମଲାଙ୍କ ଆନ୍ଦୋଳନ, ସରକାରୀ କାର୍ଯ୍ୟ ପ୍ରଭାବିତ

ସୁନ୍ଦରଗଡ଼,୨।୬( ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ମିଳିତ ଅମଲା ମଞ୍ଚ ନେତୃତ୍ୱରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସମସ୍ତ ଅମଲାମାନେ ଗୁରୁବାରଠାରୁ ସମୂହ ଛୁଟିରେ ରହିଛନ୍ତି। ଶୁକ୍ରବାର ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଅମଲାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା ଦେଇ ସତ୍ୟାଗ୍ରହ ଆନ୍ଦୋଳନ କରିଛନ୍ତି। ଜିଲାବ୍ୟାପୀ ଅମଲାଙ୍କ ଏହି ଆନ୍ଦୋଳନ ଫଳରେ ସରକାରୀ କାର୍ଯ୍ୟ ଠପ୍ ହୋଇପଡ଼ିଛି। ସରକାରୀ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲା ମିଳିତ ଅମଲା ମଞ୍ଚ ଅଧ୍ୟକ୍ଷ ସୁଧାଂଶୁ ମହାପାତ୍ର, ଆବାହକ ପ୍ରଦୀପ୍ତ ମହାନ୍ତି, ଉପଦେଷ୍ଟା ପ୍ରଦୀପ କୁମାର ବହିଦାର, ସମ୍ପାଦକ ପ୍ରଭାସ ଚନ୍ଦ୍ର ମିଶ୍ର, ଦେବେନ୍ଦ୍ର ପତି, ଓମ୍ ପ୍ରକାଶ ମିଶ୍ର, ପ୍ରବୀର ସାହୁ, ସବିତା ବରିହା ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳନ ଜାରି ରହିଛି।

## ବିଜ୍ଞାନରେ ଶତପ୍ରତିଶତ ସଫଳତା

ରାଜଗାଙ୍ଗପୁର,୨।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର କୋର୍ଟ ରୋଡରେ ଥିବା ଓମ୍ ମା' ସରସ୍ୱତୀ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏବଂ ଟେକ୍ନୋଲୋଜି ଅନୁଷ୍ଠାନ ଯୁକ୍ତ ୨ ବିଜ୍ଞାନରେ ଶତପ୍ରତିଶତ ସଫଳତା ହାସଲ କରିବାରେ ସକ୍ଷମ ହୋଇଛି। ଅନୁଷ୍ଠାନର ମୋଟ ୬୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରୁ ପ୍ରଥମ ଶ୍ରେଣୀରେ ୩୫, ଦ୍ୱିତୀୟ ୨୪, ତୃତୀୟ ଶ୍ରେଣୀରେ ୧୦ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଅନୁଷ୍ଠାନ ଚେୟାରମ୍ୟାନ୍ ସନ୍ଧ୍ୟାରାଣୀ ପତି, ଅନୁଷ୍ଠାନ ନିର୍ଦ୍ଦେଶକ ଶରତ କୁମାର ବେହେରା ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ ସହଯୋଗୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ବ୍ଲକସ୍ତରୀୟ ଋଣ ପ୍ରଦାନ ମେଳା




ଜଣେ ଚାଷୀଙ୍କୁ ଋଣ ପ୍ରଦାନ କରାଯାଉଛି।

ଲହୁଣୀପଡ଼ା,୨।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କୃଷି କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ସ୍ତରୀୟ ଋଣ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିବା ବେଳେ ସୁନ୍ଦରଗଡ଼ ସମବାୟ ସେବା ସମିତିର ଶାଖା ପରିଚାଳକ ତପନ ପ୍ରଧାନ, ବ୍ଲକ କୃଷି ଅଧିକାରୀ କରୁଣାକାନ୍ତି ଟେଟେ, ବ୍ଲକ ସଂଯୋଜିକା ପ୍ରଜ୍ଞା ପରିମିତା ସୁନ୍ଦର ରାୟ, ଆତ୍ମା ଅଧ୍ୟକ୍ଷା ନମିତା ମାହାନ୍ତ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦର୍ଜୀଂ ସରପଞ୍ଚ ସିଂ ରାୟ ମୁଣ୍ଡା, ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ଲହୁଣୀପଡ଼ା ସମିତି ସଭ୍ୟା ଲକ୍ଷ୍ମୀ କିଷାନ, କୃଷକ ସାଥୀ ଓ କୃଷକମାନେ ଯୋଗ ଦେଇଥିଲେ। କୃଷି ଅଧିକାରୀ ସୁଶାନ୍ତ କୁମାର ମାଟି ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ପଞ୍ଚାୟତରେ ବଳରାମ ଯୋଜନାରେ ୨୧ ଗ୍ରୁପର ଚାଷୀଙ୍କୁ ମୋଟ ୧୩ ଲକ୍ଷ ୫୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଏଥିସହ ଧାର୍ଯ୍ୟ ସମୟସୀମା ମଧ୍ୟରେ ପରିଶୋଧ କରିବା ପରେ ଅନ୍ୟ ସୁବିଧା ସୁଯୋଗ କ'ଣ ସବୁ ଅଛି ଏବଂ ତା'ର ସଫଳତା ଚାଷୀମାନେ କେମିତି ପାଇପାରିବେ ସେ ସମ୍ପର୍କରେ ବିସ୍ତୃତଭାବେ ଅବଗତ କରାଯାଇଥିଲା। ଲହୁଣୀପଡ଼ା, ଖୁଣ୍ଟଗାଁ, ମହୁଲପଦା ଲ୍ୟାମ୍ପସର ଏମଡି ପରୀକ୍ଷିତ ମାହାନ୍ତ, ବସନ୍ତ କୁମାର ପଲେଇ, ଦୁର୍ଯ୍ୟୋଧନ କିଷାନ ବିବରଣୀ ପ୍ରଦାନ କରିଥିଲେ। ଜୟ କୁମାର ବେଉରା, ଶ୍ରୀକାନ୍ତ ପତି, ରାଜେନ୍ଦ୍ର ସାମଲ,ମଞ୍ଜୁଲତା ନାୟକ, ରାଜ କିଶୋର ମାହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କୃଷି ଅଧିକାରୀ ରିନ୍ଦୀ ହାଂସଦା ଧନ୍ୟବାଦ ଦେଇଥିଲେ।

# ସାଇକେଲରୁ ପଡ଼ି ଆରୋହୀ ମୃତ

ଦେବଗଡ଼,୨।୬(ଡି.ଏନ.ଏ.)

ରିଆମାଳ ଥାନା ତାରଙ୍ଗ ଗ୍ରାମ ନିକଟ ରିଆମାଳ–ନାକଟିଦେଉଳ ରାସ୍ତାରେ ଶୁକ୍ରବାର ସାଇକେଲରୁ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରଡାତଇଲା ଗ୍ରାମର ସନ୍ତୋଷ ହେମ୍ବ୍ରମ (୫୦)। ସୂଚନା ଅନୁଯାୟୀ ଅପରାହ୍ନରେ ସନ୍ତୋଷ କୌଣସି କାମରେ ସାଇକେଲ ଯୋଗେ ତାରଙ୍ଗ ଗ୍ରାମକୁ ଯାଉଥିଲେ। ଶ୍ୟାମପାଲି ଗ୍ରାମ ନିକଟରେ ତାଙ୍କ ସାମ୍ନାକୁ ଏକ ବଳଦ ଧାଇଁ ଆସିବାରୁ ସେ ଭାରସାମ୍ୟ ହରାଇ ସାଇକେଲରୁ ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଛତାବର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ସଡ଼କ ଦୁର୍ଘଟଣାରେ ଟ୍ରେଲର ଚାଳକଙ୍କ ମୃତ୍ୟୁ

ହେମଗିର,୨।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅଧୀନ ଡୁରୁବଗା ମନୋହରପୁର ଛକଠାରେ ଟ୍ରେଲର ଧକ୍କାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତ ଡ୍ରାଇଭର ହେଲେ ବିହାର ଔରଙ୍ଗାବାଦ ଅଞ୍ଚଳର ଦେବେନ୍ଦ୍ର ସିଂହ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କନିକା ପଟୁ ଆସୁଥିବା ଏକ ଟ୍ରେଲର(ଓଡି ୨୩ ଏନ ୯୩୦୮) ଆଗରେ ଯାଉଥିବା ଏକ ଟ୍ରେଲରକୁ ଧକ୍କା ଦେଇଥିଲା। ଫଳରେ ଧକ୍କା ଦେଇଥିବା ଟ୍ରେଲର ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା।

# ଜାମକାନୀ କୋଇଲା ଖଣିରେ ବିସ୍ଥାପିତଙ୍କ ଆନ୍ଦୋଳନ

ହେମଗିର,୨।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ଜାମକାନୀ କୋଇଲା ଖଣିରେ ଜମି ହରାଉଥିବା ଜାମକାନୀ, ମେଣ୍ଡ୍ରା, ଗିରିସିମା ଓ ଖାରପଲମ ଗ୍ରାମବାସୀ ଶୁକ୍ରବାର ୧୧ଦଫା ଦାବି ନେଇ ଜାମକାନୀରେ ଆନ୍ଦୋଳନ କରିଛନ୍ତି। ବିସ୍ଥାପିତ ହେଉଥିବା ଲୋକଙ୍କ ସମସ୍ୟାର ସମାଧାନ ନ କରି ଖଣି ଖନନ, କମ୍ପାନୀରେ ନିଯୁକ୍ତି ପ୍ରଦାନ, ଚାକିରି ବାବଦକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନରେ ବିଳମ୍ବ, ବିସ୍ଥାପିତଙ୍କ ପାଇଁ ତିଆରି ହୋଇଥିବା କଲୋନୀର ପୁନରୁଦ୍ଧାର କରିବା, ଭୂମିହୀନଙ୍କୁ ଚିହ୍ନଟ କରିବା ସହ କ୍ଷତିପୂରଣ ପ୍ରଦାନ, ୨୦୦୭ରୁ କମ୍ପାନୀରେ ନିଯୁକ୍ତି ପାଇଁ ଯୋଗ୍ୟ ଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ, ଟ୍ରକ ଚଳାଚଳ ପାଇଁ ଉପଯୁକ୍ତ ରାସ୍ତା ତିଆରି, ପାଣି ଛିଞ୍ଚନ କରିବାର ବ୍ୟବସ୍ଥା କରିବା, ଛକ ଗୁଡ଼ିକରେ ଆଲୋକର ବ୍ୟବସ୍ଥା ସହ ସିକ୍ୟୁରିଟି ଗାର୍ଡ ନିୟୋଜିତ କରିବା ଆଦି ବିଭିନ୍ନ ଦାବିକୁ ନେଇ ଆନ୍ଦୋଳନ କରାଯାଇଛି। ଏହି ଅବସରରେ ଟ୍ରକ ଚଳାଚଳ ସମ୍ପୂର୍ଣ୍ଣଭାବେ ବନ୍ଦ ରହିଛି। ଆନ୍ଦୋଳନ ସ୍ଥଳରେ କମ୍ପାନୀ ଓ ପ୍ରଶାସନ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ ବିଫଳ ହୋଇଛି।



ଆନ୍ଦୋଳନ କରୁଥିବା ଗ୍ରାମବାସୀ।

# ବାଲିଶଙ୍କରା ବ୍ଲକରେ ମାଣ୍ଡିଆ ଅମଳ ଉତ୍ସବ

ସୁନ୍ଦରଗଡ଼,୨।୬(ଡି.ଏନ୍.ଏ.)




ମାଣ୍ଡିଆ ଅମଳ ଉତ୍ସବ ପାଳନ ତଥା କ୍ଷେତ୍ର ଦିବସର ଆୟୋଜନରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟରେ ଓଡ଼ିଶା ମିଲେଟ ମିଶନ ପକ୍ଷରୁ ସହଯୋଗୀ ଅନୁଷ୍ଠାନ ସେବକ ଦ୍ୱାରା ମାଣ୍ଡିଆ ଅମଳ ଉତ୍ସବ ପାଳନ ତଥା କ୍ଷେତ୍ର ଦିବସର ଆୟୋଜନ ଶୁକ୍ରବାର କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗ ଦେଇଥିବା ବେଳେ ଜିଲା କୃଷି ଅଧିକାରୀ ହରିହର ନାୟକ, ବଡଗାଁ ବ୍ଲକ କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକ, ବାଲିଶଙ୍କରା ବ୍ଲକ କୃଷି ଅଧିକାରୀ ଦୁଳି ସୁରିନ ଯୋଗଦେଇ ପୁଷ୍ଟିଶସ୍ୟର ବିଭିନ୍ନ ବୈଶିଷ୍ଟ୍ୟ, ଉପକାରିତା, ଆବଶ୍ୟକତା ଉପରେ କହିଥିଲେ। ବ୍ଲକ ସଂଯୋଜକ ତରୁଣ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ବାଲିଶଙ୍କରା ଚାଷୀ ଗୋରେତି ଖେସଙ୍କ ଚାଷ ଜମିରେ ମାଣ୍ଡିଆ ଅମଳ କରାଯାଇଥିଲା। ଏହାପରେ ଆଇସିଡିଏସ୍ ସମ୍ମିଳନୀ କକ୍ଷରେ ୨୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପୁଷ୍ଟିଶସ୍ୟ ବିଭିନ୍ନ ପ୍ରତିକୂଳ ପରିବେଶ ଓ ଜଳବାୟୁ ପାଇଁ ବିଶେଷ ଅନୁକୂଳ ହେବା ସହ ସମଗ୍ର ମନୁଷ୍ୟ ସମାଜ ପାଇଁ, ଜମି, ଚାଷୀ ପାଇଁ ତଥା ସଂପୂର୍ଣ୍ଣ ପରିବେଶ ପାଇଁ ଉତ୍ତମ ଅଟେ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। ପୁଷ୍ଟିଶସ୍ୟ ଚାଷରେ କମ୍ ଜଳ ଆବଶ୍ୟକ କରୁଥିବା ବେଳେ ମରୁଡ଼ି ଭଳି ପ୍ରାକୃତିକ ଦୁର୍ବିପାକର ପରିସ୍ଥିତି ତଥା ଶୁଷ୍କ ଜମିରେ ମଧ୍ୟ ବଢ଼ିପାରେ। ଅନ୍ୟ ଫସଲ ତୁଳନାରେ ପୁଷ୍ଟିଶସ୍ୟ କମ ମାତ୍ରାରେ ଅଙ୍ଗାରକାମ୍ଳ ପରିବେଶକୁ ଛାଡ଼ିଥାଏ ତଥା ମାଟିର ଉର୍ବରତା ବୃଦ୍ଧିରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏହି ଉତ୍ସବରେ ସୁନ୍ଦରଗଡ଼ କୃଷି ବିକାଶ କେନ୍ଦ୍ରରୁ ୨୫ ଜଣିଆ ଦଳ କ୍ଷେତ୍ର ପରିଦର୍ଶନରେ ଆସି ମାଣ୍ଡିଆ ଚାଷ, ମାଣ୍ଡିଆ ଅମଳ ପରୀକ୍ଷଣ, ତଳି ପକାଇବା ପ୍ରଣାଳୀ, ମାଣ୍ଡିଆ ସଫା କରିବା ଯନ୍ତ୍ର ତଥା ଓ କୃଷକ ସହାୟତା କେନ୍ଦ୍ରକୁ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଓଡିଶା ମିଲେଟ ମିଶନ ତରଫରୁ ସେବକର ଅମିତ କୁମାର ସାହୁ, ସିନୁ ବିଶାଳ ଦାସ, କିଶୋର ପଟେଲ, ପ୍ରଭାସିନୀ ଦେହେରି, କୃଷ୍ଣଚନ୍ଦ୍ର ନାୟକ, ଅନିଲ ତନ୍ତୀ, ଏହେସାନ ରାଜା, ବାସିଲ ବାର୍ଲା ପ୍ରମୁଖ ଆୟୋଜନ କରିଥିଲେ।

## ଗୋମାଂସ ବିକ୍ରି ଅଭିଯୋଗ, ୨ ଗିରଫ

ସଇଁତଳା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ସଦର ମହକୁମା ଆଲୋକ ଛକରେ ରହୁଥିବା ସଞ୍ଜୀବ ବାଗଙ୍କ ଏକ ଗାଈକୁ ଚୋରି କରି ମାରିବା ପରେ ମାଂସ ବିକ୍ରୟ କରିବାକୁ ନେବାବେଳେ ପୋଲିସ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଇଁତଳାର ଲିଙ୍ଗରାଜ ରୋହିଦାସ ଓ ଅର୍ଜୁନ ରୋହିଦାସ। ସେମାନଙ୍କଠାରୁ ମାଂସକୁ ଜବତ କରାଯାଇ ସ୍ଥାନୀୟ ପ୍ରାଣୀଧନ ଚିକିତ୍ସାଳୟଠାରେ ବ୍ୟବଚ୍ଛେଦ କରାଯାଇଥିଲା। ଗୁରୁବାର ବିଳମ୍ବିତ ରାତ୍ରରେ ଗାଈ ଚୋରି ହୋଇଥିଲା। ସକାଳୁ ସଞ୍ଜୀବ ଖୋଜାଖୋଜି କରିବା ସମୟରେ ଘର ନିକଟରେ ଥିବା ଏକ ପାଣି ଟାଙ୍କିଠାରେ ରକ୍ତ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

**ସଂକ୍ଷେପରେ**

## ଭବିଷ୍ୟତରେ ଏମ୍‌ଟେକ କରିବା ସହିତ ପିଏଚ୍‌ଡି କରିବା ଲକ୍ଷ୍ୟ

ଭବାନୀପାଟଣା,୨।୬(ସ୍ୱ.ପ୍ର.): ଓଡିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଫଳ ଶୁକ୍ରବାର ପ୍ରକାଶ ପାଇଛି। କଳାହାଣ୍ଡି ଭବାନୀପାଟଣା ସ୍ଥିତ ପଲିଟେକନିକ କଲେଜର ଇଲେକ୍ଟ୍ରିକାଲ ବିଭାଗର ମୁଖ୍ୟ ସତ୍ୟଜିତ ମହାନ୍ତି ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗରେ ଓଡ଼ିଶାରେ ୧ ନମ୍ବର ର୍‍ୟାଙ୍କ୍ ରଖିଛନ୍ତି। ତାଙ୍କର ଏହି ସଫଳତା କଳାହାଣ୍ଡି ପାଇଁ ଗର୍ବ ଆଣିଛି। ସେ ଭବାନୀପାଟଣାରେ ରହି ଏହି ପରୀକ୍ଷାର ପ୍ରସ୍ତୁତି କରୁଥିଲେ। ଭବିଷ୍ୟତରେ ଏମଟେକ କରିବା ସହିତ ପିଏଚଡି କରିବା ଲକ୍ଷ୍ୟ ରଖିଛି ବୋଲି କହିଛନ୍ତି। ଏଥିପାଇଁ ତାଙ୍କ ବାପା କିଶୋର ଚନ୍ଦ୍ର ମହାନ୍ତି, ମା' ଅନିତା ମହାନ୍ତିଙ୍କ ସମେତ ତାଙ୍କୁ ସହଯୋଗ କରିଥିବା ବ୍ୟକ୍ତି ଓ ମା' ମାଣିକେଶ୍ୱରୀଙ୍କୁ ଶ୍ରେୟ ଦେଇଛନ୍ତି। ସତ୍ୟଜିତଙ୍କ ଘର ନୟାଗଡ଼ ବୋଲି ଜଣାପଡିଛି।



ସତ୍ୟଜିତ ମହାନ୍ତି।

## ନୂତନ ପ୍ରାଥମିକ କୃଷି ସମବାୟ ସମିତି ଉଦ୍‌ଘାଟିତ

କୋକସରା,୨।୬(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲାରେ ଶୁକ୍ରବାର ନୂତନ ପ୍ରାଥମିକ ସମବାୟ ସମିତି ଉଦଘାଟିତ ହୋଇଯାଇଛି। ପୂର୍ବରୁ ଏହି ସମବାୟ ସମିତି ଆମପାଣି ପାକ୍ସ ଅଧୀନରେ ରହିଥିବା ବେଳେ ଏବେ କାଉଡୋଲା ସମବାୟ ଅଧୀନର ଚାଷୀ କୃଷିଋଣ ଓ ପରାମର୍ଶ ସମ୍ପର୍କିତ ସମସ୍ତ କାରବାର କରିପାରିବେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋକ୍ଷଧି ବାଗ ଯୋଗଦେଇ ଆନୁଷ୍ଠାନିକ ଭାବେ କାଉଡୋଲା ସମବାୟ ସମିତିର ନୂତନ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର ଚାଷୀଙ୍କ ପାଇଁ ବିନା ସୁଧରେ ୧ ଲକ୍ଷ ପର୍ଯ୍ୟନ୍ତ ଋଣ ସମବାୟ ସମିତି ଜରିଆରେ ଯୋଗାଇ ଦେଇଛନ୍ତି। ଚାଷୀମାନେ ଏହାର ଲାଭ ନେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସମବାୟ ସମିତି ଜିଲା ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ବେହେରା, ସଚ୍ଚିଦାନନ୍ଦ ମହାକୁଡ଼, କୋକସରା ତହସିଲଦାର ଦେବବ୍ରତ କରାଟି, କୋକସରା କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜର ଇନ୍ଦ୍ରମଣି ଧଙ୍ଗଡା ମାଝି ମଞ୍ଚରେ ଉପସ୍ଥିତ ରହିଥିଲେ। ଏହି ଅବସରରେ କାଉଡୋଲା ସମବାୟ ଅଧୀନରେ ଥିବା ଅନେକ ଚାଷୀ ଓ ଗ୍ରାମବାସୀ ଯୋଗଦେଇଥିଲେ।

## ଆଜି ତଦନ୍ତ କରିବେ ଉପଜିଲାପାଳ

**କଲ୍ୟାଣ ମଣ୍ଡପ ନିର୍ମାଣରେ ଟେଣ୍ଡର ଫିକ୍ସିଂ ଅଭିଯୋଗ ଘଟଣା**

- ସମସ୍ତ ପାରିଷଦ ବର୍ଗ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ

କେସିଙ୍ଗା,୨।୬(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଏନଏସିର ୱାର୍ଡ ନମ୍ବର ୨ରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଗତ ଦୁଇ ମାସ ଶେଷ ହୋଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାକୁ ବିରୋଧ କରି ଏନ୍‌ଏସି ୨ଜଣ କାଉନସିଲର ରୋହିତ ଜୈନ ଓ ଧରଣୀଧର ନାଏକ ଜିଲାପାଳ ନିକଟରେ ଟେଣ୍ଡର ଫିକ୍ସିଂ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଉପଜିଲାପାଳ କେସିଙ୍ଗା ଗସ୍ତରେ ଯାଇ ଟେଣ୍ଡର ପ୍ରକ୍ରିୟା ତନଖି କରିବା ପାଇଁ ପରିଷଦବର୍ଗ ଅଧ୍ୟକ୍ଷ, ନିର୍ବାହୀ ଅଧିକାରିଣୀ, ଅପାଧାକ୍ଷ୍ୟା, ସମସ୍ତ କାଉନସିଲରଙ୍କୁ ଶନିବାର ସକାଳ ସାଢେ ୧୦ଟାରେ ଉପସ୍ଥିତ ରହିବାକୁ ଉପ ଜିଲାପାଳ କାର୍ଯ୍ୟାଳୟ ଚିଠି ନ.୪୬୫୨/୩୧।୫।୨୩ ଅନୁସାରେ ନୋଟିସ ଦେଇଛନ୍ତି। ଏ ନେଇ ଅଧ୍ୟକ୍ଷ ନୃପରାଜ ଯାଦବଙ୍କୁ ପଚାରିବାରୁ ମୁଁ ଉପଜିଲାପାଳଙ୍କ ତଦନ୍ତକୁ ସ୍ୱାଗତ କରୁଛି। ମୁଁ ଯଦି ଠିକ ଭାବେ ଜନସେବା କରିବି କିଛି ଅସୁବିଧା ହେବନାହିଁ, ଆଗକୁ ଅନେକ ଉନ୍ନୟନ କାର୍ଯ୍ୟ ଅଗ୍ରଗତି ହେବ ବୋଲି ପ୍ରକାଶ କରିଥିଲେ।

# ପ୍ୟାଲେସ୍ ଯିବି, ସୁରକ୍ଷା ଦିଅ

**ବଲାଙ୍ଗୀର ଏସ୍‌ପିଙ୍କୁ ଇ-ମେଲ୍ କଲେ ଅଦ୍ରିଜା ମଞ୍ଜରୀ**

ବଲାଙ୍ଗୀର ଅଫିସ, ୨।୬



ଅର୍କେଶ-ଅଦ୍ରିଜାଙ୍କ ଫାଇଲ ଫଟୋ।

ବଲାଙ୍ଗୀର ରାଜପରିବାର ସଦସ୍ୟ ତଥା ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଓ ତାଙ୍କ ସ୍ତ୍ରୀ ଅଦ୍ରିଜା ମଞ୍ଜରୀ ସିଂଦେଓଙ୍କ ବିବାଦ ଦିନକୁ ଦିନ ତେଜିବାରେ ଲାଗିଛି। ଏବେ ଅଦ୍ରିଜା ମଞ୍ଜରୀ ବଲାଙ୍ଗୀର ଏସ୍‌ପିଙ୍କୁ ଦେଇଥିବା ଏକ ଇ-ମେଲକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଥିରେ ଅଦ୍ରିଜା ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସକୁ ଆସିବା ପାଇଁ ଏସ୍‌ପିଙ୍କୁ ଲିଖିତ ଜଣାଇ ସୁରକ୍ଷା ଲୋଡିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଗତ ମେ ୧ ତାରିଖରେ ସେ ବଲାଙ୍ଗୀର ଏସ୍‌ପିଙ୍କୁ ଇ-ମେଲ କରି ସୁରକ୍ଷା ଲୋଡିଥିଲେ। ଶୈଳଶ୍ରୀ ପ୍ୟାଲେସ ତାଙ୍କ ବୈବାହିକ ଘର ହୋଇଥିବାରୁ ସେଠାରେ ତାଙ୍କର ବ୍ୟକ୍ତିଗତ ସାମଗ୍ରୀ ରହିଛି। ତାକୁ ସେ ସେଠାରୁ ନେବାକୁ ଚାହୁଁଛନ୍ତି। ଉକ୍ତ ଇ-ମେଲରେ ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ତାଙ୍କୁ ତାଙ୍କ ସ୍ୱାମୀ ଓ ତାଙ୍କ ଷ୍ଟାଫ୍ ଶାରୀରିକ ଆକ୍ରମଣ କରିଥିବାରୁ ଏବଂ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ସୁରକ୍ଷା ଆବଶ୍ୟକ। ଗତ ମେ ୧ ତାରିଖର ଇ-ମେଲକୁ ନେଇ ବଲାଙ୍ଗୀର ଏସପିଙ୍କଠାରୁ କୌଣସି ପ୍ରତିକ୍ରିୟା ପାଇ ନ ଥିବାରୁ ୩୧ ମେ'ରେ ପୁଣି ଥରେ ଚିଠି ଲେଖିଥିବା ଦର୍ଶାଇଛନ୍ତି। ସେ ବଲାଙ୍ଗୀର ଆସି ତାଙ୍କ ସାମଗ୍ରୀ ନେବାବେଳେ ତାଙ୍କ ଶ୍ୱଶୁର ଘର ଲୋକଙ୍କଠାରୁ ଯେଭଳି କୌଣସି କ୍ଷତି ହେବନାହିଁ ସେଦିଗରେ ସୁରକ୍ଷା ସୁନିଶ୍ଚିତ କରିବାକୁ ସେ ଏସପିଙ୍କୁ ଇ-ମେଲ କରିଥିବା ଉଲ୍ଲେଖ କରିଛନ୍ତି। ଗତ ମେ ୧ ତାରିଖରେ ପ୍ରଥମ ଇ-ମେଲ କରିଥିବାବେଳେ ବଲାଙ୍ଗୀରରେ ଏସ୍‌ପି ଦାୟିତ୍ୱରେ ନୀତିନି କୁଶଲକର ଥିଲେ। ଇତିମଧ୍ୟରେ ତାଙ୍କର ବଦଳି ହୋଇଯାଇ ନୂଆ ଏସ୍‌ପି ଭାବେ ଋଷିକେଶ ଖିଲାରି ଯୋଗଦାନ କରିଛନ୍ତି। ୩୧ ତାରିଖରେ ଅଦ୍ରିଜା ପୁଣି ଥରେ ଇ-ମେଲ କରି ସୁରକ୍ଷା ଲୋଡିଥିବାବେଳେ ନୂଆ ଏସ୍‌ପି ଏବେ ଛୁଟିରେ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏନେଇ ଭାରପ୍ରାପ୍ତ ଏସପି ଦାୟିତ୍ୱରେ ଥିବା ଆଡିଶନାଲ ଏସ୍‌ପି ସୁରେଶ ନାଏକଙ୍କୁ ଅଦ୍ରିଜାଙ୍କ ଇ-ମେଲ ସମ୍ପର୍କରେ ପଚରାଯିବାରୁ ଏ ସମ୍ପର୍କରେ ତାଙ୍କ ପାଖରେ ସୂଚନା ନାହିଁ ବୋଲି କହିଛନ୍ତି।

ଅର୍କେଶ-ଅଦ୍ରିଜା ବିବାଦକୁ ନେଇ ଉତ୍ତରାଖଣ୍ଡସ୍ଥିତ ଡେରାଡୁନର ରାଜପୁର ଥାନାରେ ମାମଲା ରୁଜୁ ହୋଇଛି। ଅଦ୍ରିଜା ରାଜପୁର ଥାନାରେ ସ୍ୱାମୀ ଅର୍କେଶ ନାରାୟଣ, ଶ୍ୱଶୁର ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଶାଶୁ, ଦେଢ଼ଶ୍ୱଶୁର ପୂର୍ବତନ ଏମ୍‌ପି ତଥା ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଓ ବଡ ଯା'ଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପାରିବାରିକ ହିଂସା ଓ ନିର୍ଯ୍ୟାତନାକୁ ନେଇ ସେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ବଲାଙ୍ଗୀର ରାଜପରିବାର ଡେରାଡୁନ୍ ସ୍ଥିତ ଘରେ କାମ କରୁଥିବା ଜଣ କର୍ମଚାରୀ ରବିତା ଖା ଅଦ୍ରିଜା, ତାଙ୍କ ବଡ ଭଉଣୀ ରଚା ମଞ୍ଜରୀ ସିଂ, ବାପା ଅଜୟ ସିଂ ଏବଂ ଡ୍ରାଇଭର ସୋନୁଙ୍କ ବିରୋଧରେ ଡେରାଡୁନ୍‌ସ୍ଥିତ ରାଜପୁର ଥାନାରେ ଜାତିଗତ ପ୍ରସଙ୍ଗ ଓ ନିର୍ଯ୍ୟାତନାକୁ ନେଇ ଅଭିଯୋଗ କରିଛନ୍ତି। ଏହି ବିବାଦ ଥମିବାର ନାଁ ନେଉ ନ ଥିବାବେଳେ ଅଦ୍ରିଜା ନିଜ ଶ୍ୱଶୁରାଳୟ ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସକୁ ଆସିବା ପାଇଁ ଏସ୍‌ପିଙ୍କ ସୁରକ୍ଷା ଲୋଡିବା ପ୍ରସଙ୍ଗ ବିବାଦକୁ ଘନୀଭୂତ କରିବା ସହ ଚର୍ଚ୍ଚା ଓ ଆଲୋଚନାକୁ ସରଗରମ କରିଛି।

## ଅମଲାଙ୍କ ଧାରଣାକୁ ସମର୍ଥନ କଲେ ବିଧାୟକ



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ମିଳିତ ଅମଲା ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

ବଲାଙ୍ଗୀର ଅଫିସ, ୨।୬

ବଲାଙ୍ଗୀର ଜିଲା ଅମଲା ସଂଘ ଏବଂ ଜିଲାସ୍ତରୀୟ ଅମଲା ମଞ୍ଚ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆରମ୍ଭ ହୋଇଥିବା ବିକ୍ଷୋଭ ସମାବେଶ ଏବଂ ଧାରଣା କାର୍ଯ୍ୟକ୍ରମ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଦିନ ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଧାରଣା ସ୍ଥଳକୁ ଆସିବା ସହ ଅମଲାଙ୍କ ଦାବି ଯୁକ୍ତିଯୁକ୍ତ ବୋଲି କହିଥିଲେ। ରାଜ୍ୟ ସରକାର ତୁରନ୍ତ ସେମାନଙ୍କ ଦାବି ପୂରଣ କରିବାକୁ କହିଥିଲେ। ବଲାଙ୍ଗୀର ଜିଲାର ୩୨ଟି ସରକାରୀ ଅଫିସରେ କାର୍ଯ୍ୟ କରୁଥିବା ଶତାଧିକ ଅମଲା ନାର୍ଯ୍ୟ ଦାବି ନେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଜାରି ରହିଛି। ବୀରେନ୍ଦ୍ର ବନ୍‌ଛୋରଙ୍କ ଅଧ୍ୟକ୍ଷତାରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଅମଲା ଯୋଗଦାନ ଲେଭେଲ-୪ରୁ ଲେଭେଲ-୯ ଗ୍ରେଡ ପେ ୪୨୦୦ ପ୍ରଦାନ କରିବାକୁ ଦୀର୍ଘଦିନରୁ ଦାବି କରିଆସୁଛନ୍ତି। ଆନ୍ଦୋଳନରେ ସୁଧାକର ମହାପାତ୍ର, ଚୈତନ୍ୟ ବାଗ, ଅନନ୍ତ ନାରାୟଣ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ମିଶ୍ର, ସୁରେନ୍ଦ୍ର ବାବୁ, ସଚ୍ଚିଦାନନ୍ଦ ଯୋଷୀ, ହରିବନ୍ଧୁ ପାଣି, ଶ୍ରୀନିବାସ ମିଶ୍ର, ରାଜେନ୍ଦ୍ର ସିଂଦେଓ, ସୁନୀଲ ମିଶ୍ର ଉପସ୍ଥିତ ଥିଲେ। ଦାବିପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲିସଂଘ ଅଧ୍ୟକ୍ଷ ବନଛୋର ଜଣାଇଛନ୍ତି।

## ୫ ଚୋରି ବାଇକ୍ ଜବତ, ଧରାପଡ଼ିଲେ ନାବାଳକ

ସଇଁତଳା, ୨।୬ (ଡି.ଏନ.ଏ.)



ଜବତ ଚୋରି ବାଇକ।

ବାଇକ ଚୋରି ଅଭିଯୋଗରେ ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତଗତ କୁମ୍ଭାରୀ ଗ୍ରାମର ଖେଳ ପଡ଼ିଆ ନିକଟରେ ରହୁଥିବା ଜନୈକ ନାବାଳକକୁ ଧରିଛି। ଶୁକ୍ରବାର ସନ୍ଧ୍ୟାରେ ତାଙ୍କୁ ବଲାଙ୍ଗୀର ବାଳ ସ୍ୱଧାର ଗୃହକୁ ପଠାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ କୁମ୍ଭେକେଲା ଗ୍ରାମର ସୁଦାମ ବରୱିଙ୍କ ହିରୋ ଏଚଏଫ ଡ଼ିଲକ୍ସ ବାଇକ(ନଂ.ଡ଼ି-୦୩-ପି-୨୪୧୨) ଗତ ବୁଧବାର ଚୋରି ହୋଇଯାଇଥିଲା। ସୁଦାମ ଶୁକ୍ରବାର ସକାଳେ ବାଇକ ଖାଜାଖୋଜି କରୁଥିବା ସମୟରେ କୁମ୍ଭାରୀ ଗ୍ରାମ ନିକଟରେ ଥିବା ଏକ ଗ୍ୟାରେଜରେ ବାଇକ ତେଲ ଟାଙ୍କି ତାଲା ଖୋଲିବା ପାଇଁ ଯୋଜନା ଚାଲିଥିଲା। ତଦନ୍ତ କରିବାରୁ ଅଭିଯୁକ୍ତ ନାବାଳକ ବାଇକକୁ ଚୋରି କରିନେଇ ଥିବାବେଳେ ପେଟ୍ରୋଲ ସରିଯିବା ତଥା ଟାଙ୍କିର ଚାବି ନ ଥିବାରୁ ଉକ୍ତ ଗ୍ୟାରେଜକୁ ଟାଙ୍କି ଖୋଲିବା ପାଇଁ ଆଣିଥିଲେ। ସୁଦାମ ସଇଁତଳା ପୋଲିସକୁ ଜଣାଇଥିଲେ। ଏସଆଇ ଥବିର ମହାରଣା ସେଠାରେ ପହଞ୍ଚି ଅଭିଯୁକ୍ତ ନାବାଳକଙ୍କ ଘରେ ଚଢ଼ାଉ କରି ୪ଟି ବାଇକ ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(୧୨୮/୨୩)ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି।

## ଫାଷ୍ଟଏଡ୍ ଟ୍ରେନିଂ ପ୍ରମାଣପତ୍ର ବଣ୍ଟନ

ବଲାଙ୍ଗୀର ଅଫିସ, ୨।୬



ଜିଲାପାଳ ଚଞ୍ଚଳ ରାଣା ଫାଷ୍ଟଏଡ୍ ତାଲିମପ୍ରାପ୍ତ ପରିବହନ କର୍ମଚାରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରୁଛନ୍ତି।

ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ସ୍ଥାନୀୟ ନୂତନ ବସ୍ ଟର୍ମିନାଲଠାରେ ଫାଷ୍ଟଏଡ୍ ତାଲିମପ୍ରାପ୍ତ ପରିବହନ କର୍ମଚାରୀମାନଙ୍କୁ ଶୁକ୍ରବାର ପ୍ରମାଣପତ୍ର ବଣ୍ଟନ କରିଛନ୍ତି। ଜିଲାପାଳଙ୍କ ଉଦ୍ୟମକ୍ରମେ ଗତ ଡିସେମ୍ବରରେ ବଲାଙ୍ଗୀରର ୩୦ଜଣ ପରିବହନ କର୍ମଚାରୀଙ୍କୁ ମାଗଣାରେ ସେଣ୍ଟ ଜୋନ୍ସ ଆମ୍ବୁଲାନ୍ସ ପକ୍ଷରୁ ତାଲିମ ପ୍ରଦାନ କରାଯାଇଥିଲା। ବଲାଙ୍ଗୀର ଜିଲାର ପରିବହନ କର୍ମଚାରୀମାନେ ଫାଷ୍ଟଏଡ୍ ପ୍ରମାଣପତ୍ର ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଏକ ମାଗଣା ତାଲିମ ଶିବିର ଆୟୋଜନ କରାଯିବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ବସ ମାଲିକ ସଂଘ କାର୍ଯ୍ୟାଳୟରେ ସଭାପତି ଦୁର୍ଗା ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଓ ପୂର୍ବ ସଭାପତି ହେମନ୍ତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରମାଣପତ୍ର ବଣ୍ଟନ ସଭାରେ ସମସ୍ତ ତାଲିମପ୍ରାପ୍ତ ପରିବହନ କର୍ମଚାରୀ ଆନ୍ତରିକତାର ସହ ସେବା ଆବଶ୍ୟକ କରୁଥିବା ପୀଡିତ ଜନତାଙ୍କୁ ତତକ୍ଷଣାତ୍ ସେବା ଯୋଗାଇଦେବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ସଭାରେ ଜିଲା ଘରୋଇ ବସ ମାଲିକ ସଂଘ ସମ୍ପାଦକ ପ୍ରଦ୍ୟୁତ ମିଶ୍ର, କୋଷାଧ୍ୟକ୍ଷ ମାନସ ରଞ୍ଜନ ନାୟକ, ସହ ସମ୍ପାଦକ ପିଣ୍ଟୁ ପଟ୍ଟନାୟକ, ବରିଷ୍ଠ ସଭ୍ୟ ଓମ୍ ପ୍ରକାଶ ଚାନ୍ଦ, ଡମ୍ବରୁଧର ଆଚାର୍ଯ୍ୟ, ଶିବ ଶଙ୍କର ପଟେଲ, ସତ୍ୟ ପ୍ରକାଶ ପତି, ସଞ୍ଜୀବ ପଣ୍ଡା, ଚନ୍ଦ୍ରମଣି ତ୍ରିପାଠୀ, ପ୍ରଶାନ୍ତ ପଣ୍ଡା, ପାରିଶ ପଟେଲ, ଲିକୁନ ଆଚାର୍ଯ୍ୟ, ଭବାନୀ ଶଙ୍କର ପଟେଲ, ଜୟନ୍ତ ସିଂଦେଓ, ରିଙ୍କୁ ଭୋଇ , ସୁରେଶ ହରିପାଲ, ସରୋଜ ଗୁରୁ, ସଞ୍ଜୀବ ମହାନ୍ତି, ସଞ୍ଜୀବ ସାହୁ, କ୍ଷେତ୍ରି କୁମ୍ଭାରଙ୍କ ସହ ବହୁ ବସ୍, କର୍ମଚାରୀ ଯୋଗ ଦେଇଥିଲେ । ସଂଘ ଉପସଭାପତି ସୌମେନ୍ଦ୍ର ପରିଛା ଅନ୍ନବାଦ ଅର୍ପଣ କରିଥିଲେ। ସଭା ଆରମ୍ଭରେ ଫାଷ୍ଟଏଡ ତାଲିମଦାତା ରବିଚନ୍ଦ୍ର ପଶାୟତ ଓ ସେଣ୍ଟଜୋନ୍ସ ଆମ୍ବୁଲେନସ୍‌ର ବଲାଙ୍ଗୀର ସଂଯୋଜକ ସୁଶାନ୍ତ ଚାନ୍ଦଙ୍କୁ ସମ୍ମାନିତ କରାଯାଇଥିଲା ।

## ଜିଲାସ୍ତରୀୟ ମିଲେଟ ଖାଦ୍ୟ ମେଳା

ନୂଆପଡ଼ା ଅଫିସ,୨।୬

ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଭାରତ ସରକାରଙ୍କ ଅଧୀନ ଶାଖା ନେହେରୁ ଯୁବକେନ୍ଦ୍ର ନୂଆପଡା ପକ୍ଷରୁ ଗୁରୁବାର ଜିଲା ସଦଭାବନା ସଭାଗୃହଠାରେ ଜିଲାସ୍ତରୀୟ ଦେଶୀୟ ମିଲେଟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ନୂଆପଡା ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି, ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ରାମ ତାଣ୍ଡି ଓ ଓଡିଶା ମିଲେଟ ମିଶନ ଜିଲା ସଂଯୋଜକ ଗୁପ୍ତ ଖିଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଲୁପ୍ତ ହୋଇଯାଇଥିବା ମିଲେଟ ଉପରେ ଉପସ୍ଥିତ ଯୁଥ କ୍ଲବ ଯୁବତୀ, ଯୁବକ, ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଷ୍ଟୁଡେଣ୍ଟ ରକ୍ତଦାତା ମହାସଂଘର ସଦସ୍ୟା ସଦସ୍ୟମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ମିଲେଟ ଉତ୍ପାଦନ, ସୁସ୍ଥ ଶରୀର ପାଇଁ ମିଲେଟର ବ୍ୟବହାର ଓ ପରିବେଶ ସନ୍ତୁଳନ ରକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଜିଲା ପ୍ରଶାସନ, ମିଶନ ଶକ୍ତି, ଓ ଓଡିଶା ମିଲେଟ ମିଶନ ନୂଆପଡାଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଶେଷରେ ମିଶନ ଲାଇଫ ଉପରେ ଶପଥ ପାଠ, ପୋଷ୍ଟର ଉନ୍ମୋଚନ ଓ ଅତିଥିମାନଙ୍କ ଦ୍ୱାରା ମିଲେଟ ଖାଦ୍ୟ ମେଳା ଉଦଘାଟନ କରାଯାଇଥିଲା। ନିୟମିତ ରକ୍ତଦାତା କିଶୋର କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏମଟିଏସ ମୁକେଶ ପାଣ୍ଡେ, ସ୍ୱେଚ୍ଛାସେବୀ ଭଞ୍ଜ କିଶୋର ନାଏକ, ପୁରୁଷମ ଶବର, ଅଞ୍ଜଳି ଶବର, ଜନକ ରାମ ପାଣ୍ଡେ, ସଂଗ୍ରାମ କେଶରୀ ସିଂ, କବିତା ଶବର, ଭାରତୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ବିଶ୍ୱ ଶିଶୁ ଦିବସ ପାଳନ



ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ବିଶ୍ୱ ଶିଶୁ ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ଆଲୋଚନାଚକ୍ରର ଆଲୋଚକ।

ବଲାଙ୍ଗୀର ଅଫିସ, ୨।୬

ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ବିଶ୍ୱ ଶିଶୁ ଦିବସ ପାଳନ କରାଯାଇଛି। ସ୍ଥାନୀୟ ଟିକ୍ରାପଡା ରାମ ମନ୍ଦିରଠାରେ ଏହି ଉପଲକ୍ଷେ ଅନୁଷ୍ଠାନ ଉପଦେଷ୍ଟା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚକମାନେ ଶିଶୁ କ୍ଷୁଦ୍ର ନୁହେଁ ସେ ଏକ ବିରାଟ ସମୁଦ୍ର ଓ ତାର ଶାରୀରିକ ଓ ମାନସିକ ବିକାଶ ଠିକ୍ ଭାବରେ ହୋଇପାରିଲେ ସେ ଅସୀମ କୀର୍ତ୍ତିର ଅଧିକାରୀ ହୋଇ ସୁସ୍ଥ ସମାଜ ନିର୍ମାଣରେ ସହାୟକ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ ଶିକ୍ଷାବିତ୍ ଧର୍ମବ୍ରତ ରଥ, ଡାକ୍ତର ଲକ୍ଷ୍ମୀପ୍ରିୟା ସେଠୀ, ସାମାଜିକ କର୍ମୀ ଅରୁଣ ଖୁଆସ ଆଲୋଚନା କରିଥିଲେ। ସଭାକୁ କସ୍ତୁରୀ ରଥ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପଶାୟତ, ତପସ୍ୱିନୀ ପଶାୟତ, ଦୁର୍ଗା ଚରଣ ସାହୁ, ଧୀରେନ୍ଦ୍ର ନାରାୟଣ ସିଂଦେଓ, କପିଳ ପତି, ହୃଷୀକେଶ ପୁରୋହିତ, ନିହାରିକା ମିଶ୍ର, ମାଳତି ଉଦ୍‌ଗାତା, ରୁଦ୍ରେନ୍ଦ୍ର କୁମାର ବେହେରା, ସିତାଂଶୁ ଶେଖର ନାୟକ, ସଞ୍ଜୁକ୍ତା ମିଶ୍ର, କବିତା ମିଶ୍ର, ଜ୍ୟୋତି ରଞ୍ଜନ ମିଶ୍ର, ସୁନାଧର ବନଛୋର ଓ ମଦନ ମୋହନ ରଥ ସହଯୋଗ କରିଥିଲେ । ଶେଷରେ ମଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ନେହଲତା ଛତ୍ରିଆ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି

ବଲାଙ୍ଗୀର ଅଫିସ, ୨।୬





ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଲକ୍ଷେଘର ଗଣ୍ଡାସମାଜ ପକ୍ଷରୁ ଧାରଣା ଦିଆଯାଇଛି।

ବଲାଙ୍ଗୀର ଲକ୍ଷେଘର ଗଣ୍ଡାସମାଜ ପକ୍ଷରୁ ଖପ୍ରାଖୋଲ ଥାନା ସର୍ଗିପାଲି ଗ୍ରାମର ଦଳିତ ନାବାଳିକା ସ୍ନେହଲତା ଛତ୍ରିଆ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି ନେଇ ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ହତ୍ୟାକାରୀଙ୍କୁ ଫାଶୀ ଦିଆଯିବା, ସ୍ନେହଲତାଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯିବା, ବଲାଙ୍ଗୀର ଜିଲାକୁ ଆଟ୍ରୋସିଟି ଜୋନ୍ ଘୋଷଣା କରାଯିବାକୁ ଦାବି କରାଯାଇଥିଲା। ୩୦ ଦିନ ଭିତରେ ଏହି ଦାବି ଗୁଡିକ ଉପରେ ସଠିକ୍ କାର୍ଯ୍ୟାନୁଷ୍ଠାନ ନହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦ୍ରୋଣ କୁମ୍ଭାର ଏବଂ ଅନ୍ୟମାନେ ସାମିଲ ହୋଇଥିଲେ।

## ପୌର ନିର୍ବାହୀ ଅଧିକାରୀଙ୍କୁ କର୍ମଚାରୀ ସଂଘର ସମ୍ବର୍ଦ୍ଧନା

ବଲାଙ୍ଗୀର ଅଫିସ, ୨।୬

ବଲାଙ୍ଗୀର ନୂଆ ପୌର ନିର୍ବାହୀ ଅଧିକାରୀ ଭାବେ ଯୋଗଦେଇଥିବା ବିଶ୍ୱମ୍ଭର ମିଶ୍ରଙ୍କୁ ବଲାଙ୍ଗୀର ପୌର କର୍ମଚାରୀ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ପୌର କର୍ମଚାରୀ ସଂଘ ସଭାପତି ଆଡଭୋକେଟ ରତନ ମହାରଣା, ସମ୍ପାଦକ ଶ୍ୱେତ କୁମାର ତ୍ରିପାଠୀ, ଉପସଭାପତି ସଚ୍ଚିଦାନନ୍ଦ ମହାପାତ୍ର, ଉପଦେଷ୍ଟା ମଣ୍ଡଳୀର ଗୋଲକ ବିହାରୀ ସାହୁ , ସହସମ୍ପାଦକ ସରୋଜ କୁମାର ମହାରଣା, କୋଷାଧ୍ୟକ୍ଷ ସଞ୍ଜୟ କୁମାର ନାଗ, ସୁନୀଲ ମିଶ୍ର, ପାର୍ଥ ମହାକୁର, ଜିତେନ୍ ମହାନନ୍ଦ, ସୁରେନ୍ଦ୍ର ମଛଖଣ୍ଡ, ଗୋପାଳ ବାଗ, ମଧୁସ୍ମିତା ରାଣା ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ପୌର କର୍ମଚାରୀ ସଂଘ ପକ୍ଷରୁ ବଲାଙ୍ଗୀରର ଉନ୍ନତି ପାଇଁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ନିର୍ବାହୀ ଅଧିକାରୀ ମିଶ୍ର ମଧ୍ୟ ସହରର ଉନ୍ନତି ଦିଗରେ କାର୍ଯ୍ୟ କରାଯିବ ବୋଲି କହିଥିଲେ।



## ଉପଜିଲାପାଳଙ୍କଠାରେ ଫେରାଦ ହେଲା ଯୁବ କଂଗ୍ରେସ

- ଅଫିସକୁ ଆସୁନାହାନ୍ତି, ଆବାସିକ ଘରେ ରହୁନାହାନ୍ତି
- ବେଫିକର ଆରଡି ବିଭାଗର କନିଷ୍ଠ ଯନ୍ତ୍ରୀ, ଏସ୍‌ଡିଓ
- ୭ ଦିନ ଭିତରେ ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟକାଳ ଧାରଣା

ଭବାନୀପାଟଣା,୨।୬(ସ୍ୱ.ପ୍ର.)



ଜିଲା ଯୁବ କଂଗ୍ରେସ କର୍ମୀମାନେ ଦାବିପତ୍ର ଦେବାକୁ ଆସିଛନ୍ତି।

କଳହାଣ୍ଡି ଜିଲା ଜୁନାଗଡ ନିର୍ବାଚନ ମଣ୍ଡଳୀର ଜୁନାଗଡ ଓ ଗୋଲାମୁଣ୍ଡାଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡି) ଅଫିସ ଓ ଯନ୍ତ୍ରୀଙ୍କ ରହିବା ପାଇଁ ଆବାସିକ ଗୃହ ନିର୍ମାଣ ହୋଇଛି। ହେଲେ ଏଠାରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ,ଏସଡିଓ ଠିକ ଭାବେ ଅଫିସ ଆସୁ ନ ଥିବା ଓ ଆବାସିକ ଗୃହରେ ରହୁ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଧର୍ମଗଡ ଉପଜିଲାପାଳଙ୍କଠାରେ ଶୁକ୍ରବାର ଯୁବ କଂଗ୍ରେସ ଫେରାଦ ହୋଇ ଏକ ଲିଖିତ ଅଭିଯୋଗ ଦିଆଯାଇଛି। ପ୍ରକାଶ ଯେ, ଜୁନାଗଡ ଓ ଗୋଲାମୁଣ୍ଡାରେ ଆରଡି ବିଭାଗର ଅଫିସରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଓ ଏସଡିଓ ପ୍ରାୟ ସମୟରେ ଅନୁପସ୍ଥିତ ରହିଥାନ୍ତି। ସେହିପରି ସେମାନଙ୍କ ପାଇଁ ଥିବା ଆବାସିକ ଗୃହରେ ମଧ୍ୟ ରହୁନାହାନ୍ତି। ବେଳେ ବେଳେ ଅଫିସରେ ପିଅନମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥାନ୍ତି। ଯନ୍ତ୍ରୀଙ୍କ କଥା ପଚାରିଲେ ଟୁର ଯାଇଥିବା ସେମାନେ କହନ୍ତି। ଗୋଲାମୁଣ୍ଡା ବ୍ଲକରେ ଆରଡି ବିଭାଗରୁ ନିର୍ମାଣ ହୋଇଥିବା ଚଞ୍ଚରାମୁଣ୍ଡା-ମୁକୁନ୍ଦପୁର ରାସ୍ତା, ରେଙ୍ଗସାପାଲି-ଲତାବାଞ୍ଜି ରାସ୍ତା,ଖୁଲେନବର ପଡିଆଲ ପଡା-ମୁଖିଗୁଡା ରାସ୍ତା ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ଆଣିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଭିଜିଲାନ୍ସ ତଦନ୍ତ ସହ ଆବାସିକ ଗୃହରେ କନିଷ୍ଠ ଯନ୍ତ୍ରୀ, ଏସଡିଓ ନ ରହିଲେ ଆସନ୍ତା ୯ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା ଦିଆଯିବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଜିଲା ଯୁବ କଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଡାକେ ଲହଜଲ, ଅନୀଲ କୁମାର ମଲ୍ଲିକ, ରୀନା ଭୋଇ, ଜିବ ଶଙ୍କର ନାଏକ, ଦେବରାଜ ଭାଟି, ଲମ୍ବୋଦର ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କେନ୍ଦ୍ର ଖୋଲିବା ଆଲୋଚନା ବିଫଳ

ଅମରପାଲି,୨।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ଗ୍ରାମପଞ୍ଚାୟତର ରାମ୍ପିପାଲି ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଦୀର୍ଘ ଦେଢ଼ବର୍ଷ ହେଲା ତାଲା ପଡିଛି । କେନ୍ଦ୍ରର ବିଭିନ୍ନ ସମସ୍ୟାକୁ ନେଇ କେନ୍ଦ୍ରରେ ଗ୍ରାମର କେତେକ ମହିଳା ତାଲା ପକାଇ ଦେଇଛନ୍ତି। ଫଳରେ ଛାତ୍ରୀଛାତ୍ର ପାଠପଢାରୁ ବଞ୍ଚିତ ହେଉଛନ୍ତି। ଏନେଇ ପୂର୍ବରୁ ଅନେକ ଥର ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ନିକଟରେ ସିଡିପିଓ ଜ୍ୟୋସ୍ନାମୟୀ ପଣ୍ଡା ଓ ସୁପରଭାଇଜର ସୌମ୍ୟସିମା ସାହୁ ଉକ୍ତ ଗ୍ରାମରେ ପହଞ୍ଚି ଗ୍ରାମବାସୀ ଓ ମହିଳାମାନଙ୍କ ସହ ଏନେଇ ଆଲୋଚନା କରିଥିଲେ । ଆଲୋଚନା ବେଳେ ଗ୍ରାମରେ ଥିବା ୪୬ ପରିବାର ମଧ୍ୟରୁ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ପୃଷ୍ଟିକର ଖାଦ୍ୟ ଓ ସରକାରୀ ସ୍ୱାସ୍ଥ୍ୟ ସେବା ସୁବିଧା ମିଳୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଥିଲେ । ପରେ ସିଡିପିଓ କାର୍ଯ୍ୟରତ ଅଙ୍ଗନବାଡି କର୍ମୀଙ୍କୁ ଡକାଇ ସତ୍ୟାସତ୍ୟ ଜାଣିବାକୁ ଚାହିଁଥିଲେ । ଉକ୍ତ ଅଙ୍ଗନବାଡି କର୍ମୀ ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିଥିବା ବେଳେ ରନ୍ଧନ ଖାଦ୍ୟ, ଛତୁଆ ଓ ଅଣ୍ଡା ସଠିକ ଭାବରେ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ଅଙ୍ଗନୱାଡି କର୍ମୀଙ୍କୁ କାର୍ଯ୍ୟରୁ ଅନ୍ତର କରା ନ ଗଲେ ତାଲା ଖୋଲାଯିବ ନାହିଁ ବୋଲି ଅଡି ବସିଥିଲେ । । ମାତ୍ର ଅଙ୍ଗନୱାଡି କର୍ମୀ ବିଳାସିନୀ ବିଶ୍ୱାଳ ଏହାକୁ ଖଣ୍ଡନ କରିଥିଲେ । ଏହା ଉଦ୍ଦେଶ୍ୟମୂଳକ ଅଭିଯୋଗ ବୋଲି ସେ ପ୍ରକାଶ କରିଛନ୍ତି। ରାମ୍ପିପାଲି ଗ୍ରାମରେ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ରହିଛି। ଦୀର୍ଘଦିନ ହେଲା ଗ୍ରାମର ବିଳାସିନୀ ବିଶ୍ୱାଳ ଉକ୍ତ କେନ୍ଦ୍ରର ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଗ୍ରାମର ସବିତା ବିଶ୍ୱାଳ ୱାର୍ଡସଭ୍ୟା ଭାବେ ନିର୍ବାଚିତ ହେଲେ । ନିର୍ବାଚିତ ହେବା ପରେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରର ଜଏଣ୍ଟ ପାସବୁକ ୱାର୍ଡ ସଭ୍ୟା ଓ ଅଙ୍ଗନୱାଡି କର୍ମୀଙ୍କ ନାମରେ ଯୁଗ୍ମ ଭାବେ ଖୋଲିବା କଥା। କୌଣସି କାରଣକୁ ନେଇ ଅଙ୍ଗନୱାଡି କର୍ମୀ ୱାର୍ଡ ସଭ୍ୟାଙ୍କ ସହିତ ପାସବୁକ ଖୋଲି ନ ଥିଲେ। ଅଙ୍ଗନୱାଡି କର୍ମୀ ଜଣକ ଖଣ୍ଡହତା ପଞ୍ଚାୟତର ସରପଞ୍ଚ ଜୟଶ୍ରୀ ଦେହୁରୀଙ୍କ ସହିତ ମିଳିତ ଭାବେ ପାସବୁକ ଖୋଲିଥିଲେ। ଗ୍ରାମରେ ୱାର୍ଡ ସଭ୍ୟା ଥିଲେ ମଧ ତାଙ୍କୁ ଉପେକ୍ଷା କରି କାହିଁକି ସରପଞ୍ଚଙ୍କ ସହିତ ପାସବୁକ ଖୋଲିଲ ବୋଲି କହି ୱାର୍ଡ ସଭ୍ୟା ଓ ମହିଳାମାନେ ପ୍ରତିରୋଧ କରିଥିଲେ। ଉକ୍ତ ଘଟଣାକୁ ନେଇ ବିବାଦ ବଢିଥିଲା। ଫଳରେ ସେହି ଦିନ ଠାରୁ କେନ୍ଦ୍ରରେ ଗ୍ରାମବାସୀ ତାଲା ପକାଇ ଅଙ୍ଗନୱାର୍ଡି କର୍ମୀଙ୍କୁ ବହିଷ୍କାର କରିବାକୁ ଦାବି କରିଛନ୍ତି।


ରାମ୍ପିପାଲି ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ।

■ ଦେଢ଼ ବର୍ଷ ହେଲା କେନ୍ଦ୍ରରେ ପଡ଼ିଛି ତାଲା
■ ଛାତ୍ରୀଛାତ୍ର ପାଠପଢାରୁ ବଞ୍ଚିତ

ଦୀର୍ଘ ଦିନ ଧରି କେନ୍ଦ୍ର ବନ୍ଦ ରହିଥିବାରୁ ପିଲାଙ୍କୁ ଓ ଗର୍ଭବତୀଙ୍କୁ ଛତୁଆ,ଅଣ୍ଡା ଆଦି ଦିଆଯାଉ ନାହିଁ। ମାତ୍ର ସ୍ଥାନୀୟ ସୁପରଭାଇଜର ସୌମ୍ୟାସିମା ସାହୁ ଅନ୍ୟ ଜଣେ ସୁପରଭାଇଜରଙ୍କୁ ଧରି ଉକ୍ତ କେନ୍ଦ୍ରର ଶିଶୁ ଓ ଗର୍ଭବତୀଙ୍କୁ ଅଣ୍ଡା ଓ ଛତୁଆ ମଝିରେ ବଣ୍ଟନ କରିଥିଲେ। ତେବେ କେନ୍ଦ୍ର ନ ଖୋଲିବାରୁ ନିୟମିତ ଭାବେ ଏହା ବଣ୍ଟନ କରାଯାଇ ପାରୁ ନାହିଁ। ପୂର୍ବରୁ ବାରମ୍ବାର ବୈଠକ କରି ଉକ୍ତ କେନ୍ଦ୍ର ଖୋଲିବାକୁ ପ୍ରୟାସ କରି ପ୍ରଶାସନ ମଧ୍ୟ ବିଫଳ ହୋଇଥିଲା । ନୂତନ ଭାବେ ଯୋଗଦେଇଥିବା ସିଡିପିଓ ପଣ୍ଡା କେନ୍ଦ୍ରକୁ ଆସି କେନ୍ଦ୍ର ଖୋଲିବା ପାଇଁ ଆଲୋଚନା କରିଥିଲେ। ମାତ୍ର ଉକ୍ତ ଆଲୋଚନା ବିଫଳ ହୋଇଛି। ଏହି ଆଲୋଚନା ସମୟରେ ଗ୍ରାମର ଭଦ୍ରବ୍ୟକ୍ତି, ୱାର୍ଡସଭ୍ୟା, ଗ୍ରାମବାସୀ ଓ ମହିଳାମାନେ ଉପସ୍ଥିତ ରହିଥିଲେ । ଜିଲା ପ୍ରଶାସନ ତୁରନ୍ତ ଏହାର ସମାଧାନ କରିବାକୁ ଦାବି ହେଉଛି।

## ବିଦ୍ୟୁତ୍ ସାମଗ୍ରୀ ଜଳିଗଲା

ପଦ୍ମପୁର/ଝାରବନ୍ଧ, ୨।୬ (ଡି.ଏନ.ଏ.)

ପଦ୍ମପୁର ଉପଖଣ୍ଡ ଝାରବନ୍ଧ ଟାଟା ପାୱାର ସେକ୍ଟର ଅଧିନ ଗୋଠୁଗୁଡା ଗ୍ରାମର ଲକ୍ଷାଧିକ ମୂଲ୍ୟର ବିଦ୍ୟୁତ୍ ଉପକରଣ ପୋଡି ନଷ୍ଟ ହୋଇଯାଇଛି। ଗତ ୧ ତାରିଖ ଭୋର ସମୟରେ ଗ୍ରାମକୁ ହଠାତ ୩୮୮ ଭୋଲ୍ଟ କରେଣ୍ଟ ପ୍ରବାହିତ ହୋଇଥିଲା। ଫଳରେ ଟି,କୁଲର, ଫ୍ରିଜ, ପଙ୍ଖା,ମୋଟର, ଗ୍ରାଇଣ୍ଡର, ବଲବ ସବୁ ଅତ୍ୟଧିକ କରେଣ୍ଟରେ ପୋଡି ନଷ୍ଟ ହୋଇଛି। ସର୍ଟ ସର୍କିଟ ଯୋଗୁଁ ୨୩୦ ଭୋଲ୍ଟର ଆବଶ୍ୟକତା ଥିବା ବେଳେ ୩୮୮ ଭୋଲ୍ଟ ଆସି ଯିବାରୁ ଏପରି ସ୍ଥିତି ହୋଇଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପାର୍ଶ୍ୱରେ ହିତାଧିକାରୀମାନେ ସର୍ଟ ସର୍କିଟ ଯୋଗୁଁ କ୍ଷତି ହୋଇଥିବା ବିଷୟକୁ ଅସ୍ୱୀକାର କରିଛନ୍ତି। ଝାରବନ୍ଧ ଟାଟା ପାୱାର ସେକ୍ଟର ଅଧିକାରୀ ଓ ତହସିଲଦାରକୁ ଉପଯୁକ୍ତ ତଦନ୍ତ ପାଇଁ ଅଚ୍ୟୁତାନନ୍ଦ ଚାକ, ଥବୀର ଚାକ, ଧନୁର୍ଯ୍ୟ ନାଗ, ହରେକୃଷ୍ଣ ବାଗ, ଜୟନାରାୟଣ ସିଂ କନ୍ଦା, କପିଳେଶ୍ୱର ସାହୁ, ବେଣୁଧର ନାଗ, ସୀତାରାମ ଦୀପ ଜଣାଇଛନ୍ତି।

## ସଂକ୍ଷେପରେ

### ସିଟି, ଜିଏସ୍ଟି ଚଢ଼ାଉ

ବରଗଡ଼ ଅଫିସ୍,୨।୬: ବରଗଡ଼ ଜିଲା ବରପାଲିର ୩ଟି ପ୍ରତିଷ୍ଠାନ ଉପରେ ଶୁକ୍ରବାର ସିଟି, ଜିଏସଟି ଏନଫୋର୍ସମେଣ୍ଟ ଚଢ଼ାଉ କରିଥିଲା। ବରପାଲିର ଜୟ ବାଲାଜୀ ଷ୍ଟିଲ, ଶ୍ରୀସିଦ୍ଧି ବିନାୟକ ଫର୍ଣ୍ଣିଚର ଏବଂ ଶାରଦା ମେଟାଲ ଷ୍ଟୋରରେ ଏହି ଚଢ଼ାଉ ହୋଇଥିଲା । ସିଟି, ଜିଏସଟି ଏନଫୋର୍ସମେଣ୍ଟ ଟିମ୍‌ର ଡେପୁଟି କମିଶନର ରଜନୀକାନ୍ତ ସେଠଙ୍କ ୨୭ଜଣ ବିଭାଗୀୟ ଏବଂ ପୋଲିସ କର୍ମଚାରୀ ଚଢ଼ାଉରେ ନିୟୋଜିତ ହୋଇଥିଲେ। ଚଢ଼ାଉବେଳେ ଉପରୋକ୍ତ ପ୍ରତିଷ୍ଠାନର ବିଭିନ୍ନ କାଗଜାତ ଜବତ କରାଯାଇଥିବା ସୂଚନା ମିଳିଛି।

### ଜିଲା ବାହାରକୁ ପୋଲିସ ଇନ୍ସପେକ୍ଟରଙ୍କ ବଦଳି

ବରଗଡ଼ ଅଫିସ୍,୨।୬: ବରଗଡ଼ ଜିଲାରେ କାର୍ଯ୍ୟରତ ୧୧ଜଣ ପୋଲିସ ଇନ୍ସପେକ୍ଟରଙ୍କୁ ଜିଲା ବାହାରକୁ ବଦଳି ହୋଇଛି। ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ମେନକା ରାଉତଙ୍କୁ ସମ୍ବଲପୁର, ସବିତାଲତା ସେଠୀଙ୍କୁ ସମ୍ବଲପୁର, ଭଟଲି ଥାନା ଆଇଆଇସି ବିରଳ ଚନ୍ଦ୍ର ସହିସଙ୍କୁ ଝାରସୁଗୁଡ଼ା, ବରପାଲି ଥାନା ଆଇଆଇସି ରୋଜାଲିନ ପଟେଲଙ୍କୁ ଝାରସୁଗୁଡ଼ା, ଟ୍ରାଫିକ ଇନ୍ସପେକ୍ଟର ସବିତା ଠେମରିଆଙ୍କୁ ବଲାଙ୍ଗିର, ବିଜେପୁର ଥାନା ଆଇଆଇସି ସନୟ କୁମାର ନାଏକଙ୍କୁ ସମ୍ବଲପୁର, ବରଗଡ଼ ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କୁ ଝାରସୁଗୁଡ଼ା, ଝାରବନ୍ଧ ଥାନା ଆଇଆଇସି ଦିଲ୍ଲିପ କୁମାର ବେହେରାଙ୍କୁ ଝାରସୁଗୁଡ଼ା, ପଦ୍ମପୁର ଥାନା ଆଇଆଇସିଙ୍କୁ ବଲାଙ୍ଗୀର ଏବଂ ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନଙ୍କୁ ସମ୍ବଲପୁର ଜିଲାକୁ ବଦଳି ହୋଇଛି। ସେହିପରି ସମ୍ବଲପୁର ଜିଲାରୁ ପୋଲିସ ଇନ୍ସପେକ୍ଟର ଜୟରଶ୍ମୀ ସେଠୀ, ପ୍ରଶାନ୍ତ କୁମାର ସାମଲ, ମମତା ନାୟକ, ବିଭୁତି ଭୂଷଣ ଦଲେଇ, ପ୍ରେମଜିତ ଦାଶ, ବଲାଙ୍ଗିର ଜିଲାରୁ ବୁଲୁ ମୁଣ୍ଡା, ଝାରସୁଗୁଡ଼ା ଜିଲାରୁ ସୁଚିସ୍ମିତା ମହାନ୍ତି, କଲ୍ୟାଣୀ ବେହେରା, ଗୀତିରଞ୍ଜନ ମହାପାତ୍ର, କ୍ରେସେନସିଆ ସାମାରିଆ ବରଗଡ଼ ଜିଲାକୁ ଆସୁଥିବା ସୂଚନା ମିଳିଛି ।

### କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ



ବରଗଡ଼ ଅଫିସ୍,୨।୬: ବରଗଡ଼ ବ୍ଲକ ଅନ୍ତର୍ଗତ ବରାହଗୋଡ଼ାଠାରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ସୁକାନ୍ତି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭୂମିପୂଜନ କରିଥିଲେ। ଗ୍ରାମବାସୀ ଦୀର୍ଘଦିନରୁ ଗ୍ରାମରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ଭୂମି ପୂଜନ ପରେ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଗ୍ରାମର ଅବିନାଶ ମଲ୍ଲିକଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

### କମଳିନୀଙ୍କୁ ମିଳୁଛି ସହାୟତାର ହାତ



ବରଗଡ଼ ଅଫିସ୍,୨।୬: ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୧ ବାସିନ୍ଦା କମଳିନୀ ସେଠ(୧୯)ଙ୍କ ଲିଭର ପ୍ରତ୍ୟାରୋପଣ ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି । ତାଙ୍କ ଚିକିତ୍ସା ପାଇଁ ୧୮ରୁ ୨୦ଲକ୍ଷ ଟଙ୍କା ଆବଶ୍ୟକ ପଡୁଛି । ଏଭଳି ସ୍ଥଳେ କମଳିନୀ ତଥା ତାଙ୍କ ପରିବାର ଲୋକେ ସହଯୋଗ କରିବା ପାଇଁ ସହୃଦୟ ଲୋକଙ୍କୁ ନିବେଦନ କରିଛନ୍ତି । ତାଙ୍କ ନିବେଦନ ରକ୍ଷା କରି ସହୃଦୟ ଲୋକେ ସହାୟତାର ହାତ ବଢ଼ାଉଥିବା ଜଣାପଡ଼ିଛି। ଗୁରୁବାର ବରଗଡ଼ର ସମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ପକ୍ଷରୁ କମଳିନୀଙ୍କ ଚିକିତ୍ସା ପାଇଁ ୨୩ହଜାର ଟଙ୍କା ସହାୟତା କରାଯାଇଛି। ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ଜି. ରମେଶଙ୍କ ସମେତ ସ୍ୱେଚ୍ଛାସେବୀମାନେ କମଳିନୀଙ୍କ ଘରକୁ ଯାଇ ତାଙ୍କ ବାପା କାହ୍ନୁଙ୍କୁ ସହାୟତା ରାଶି ବାବଦକୁ ୨୩ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ସଂକଳ୍ପ ପରିବାରର ଏଭଳି ମହାନତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଡାହାଣୀ ପ୍ରଥା ବିରୋଧରେ ସଚେତନତା



ସଚେତନତା କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ଅଫିସ୍,୨।୬

ଡାହାଣୀ ପ୍ରଥାକୁ ରୋକିବା ପାଇଁ ତଥା ଡାହାଣୀ ସନ୍ଦେହରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସଚେତନତା ଆଣିବା ପାଇଁ ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ଆୟୋଜିତ ଉକ୍ତ କର୍ମଶାଳାରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀ, ଡିଏସପି ସୁଧାକର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଡାହାଣୀ ପ୍ରଥା ଭଳି କୁସଂସ୍କାର ତଥା ଅନ୍ଧବିଶ୍ୱାସରୁ ଦୂରେଇ ରହିବା ପାଇଁ ଅତିଥିବୃନ୍ଦ ପରାମର୍ଶ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସାବିତ୍ରୀ କୁମୁରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଚାରୁବାଳା ରଥ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା, ପି.ଓ ରୀନା ମହାନ୍ତି, ଏଡିଏସଡବ୍ଲୁଓ ଘନଶ୍ୟାମ ସେଠୀଙ୍କ ସମେତ ଅନ୍ୟ ବିଭାଗୀୟ କର୍ମଚାରୀ କର୍ମଶାଳାରେ ଉପସ୍ଥିତ ଥିଲେ। ଗାଇସିଲେଟ ସିଡ଼ିପିଓ ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫରେଷ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ୍

ଅମ୍ବାଭୋନା,୨।୬(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ବନାଞ୍ଚଳ ଅନ୍ତର୍ଗତ ଦ୍ୱାରୀ ସେକ୍ସନରେ କାର୍ଯ୍ୟରତ ଜଣେ ମହିଳା ଫରେଷ୍ଟର ଗତମାସ ୨୮ତାରିଖ କାଠପଟା ବୋଝେଇ ଟ୍ରାକ୍ଟରକୁ ଧରି କାଠପଟାକୁ ଜବତ କରିଥିବାବେଳେ ସମ୍ପୃକ୍ତ ଟ୍ରାକ୍ଟରକୁ ଛାଡ଼ି ଦେଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଫରେଷ୍ଟରଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯାନୁଷ୍ଠାନ ନିଆ ନଯିବା ଘଟଣା ସାଧାରଣରେ ଆଲୋଚିତ ହେଉଛି। ଏ ସମ୍ପର୍କରେ ଭଟଲି ରେଞ୍ଜ ଅଫିସର ସୁବୋଧ ସାହୁଙ୍କୁ ପଚାରିବାରୁ ସମ୍ପୃକ୍ତ ଫରେଷ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି କହିଥିଲେ। ପ୍ରକାଶଥାଉକି, ଗତମାସ ୨୮ତାରିଖରେ ଛତିଶଗଡ଼ ରାଜ୍ୟ ଅମ୍ଲିପାଲି ପଟରୁ ଅମ୍ବାଭୋନା ବ୍ଲକ ଦୁଲହାପାଲି ପଟକୁ ଏକ ଟ୍ରାକ୍ଟର ଯୋଗେ ସେଶୁଆଁ କାଠପଟା ଚାଲାଣ ହେଉଥିଲା। ଖବର ପାଇ ଜଣେ ମହିଳା ଫରେଷ୍ଟର ସେଠାକୁ ପହଞ୍ଚିଥିଲେ। ତେବେ ସେହି ଟ୍ରାକ୍ଟରରୁ ୨୩୮ଖଣ୍ଡ କାଠପଟା ଜବତ କରି ଟ୍ରାକ୍ଟରକୁ ଛାଡ଼ି ଦେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ସମ୍ପୃକ୍ତ ଫରେଷ୍ଟର ଛୁଟିରେ ଚାଲିଯିବା ଘଟଣାକୁ ଆହୁରି ରହସ୍ୟାବୃତ୍ତ କରିଥିଲା।

## କଲର ବେଲ୍ଟ ପ୍ରମୋଶନ ଟେଷ୍ଟ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୨।୬

ବରଗଡ଼ ଭଟଲି ଛକସ୍ଥିତ ଆର.କେ ଟାୱାରଠାରେ ବରଗଡ଼ ଜିଲା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ନବମ କଲର ବେଲ୍ଟ ପ୍ରୋମୋଶନ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ଜିଲା ସଭାପତି ନବକିଶୋର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ମନମୋହନ ଭଞ୍ଜ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ କୋଚ୍ ତଥା ସଂଘର ସମ୍ପାଦକ ବିଜୟ କୁମାର ଭୋଇ, ଆଶୁତୋଷ ରଥ, ଶ୍ରୀୟା ମିଶ୍ର, ରାଜଶ୍ରୀ ବର୍ଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉକ୍ତ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଭଞ୍ଜ ବେଲ୍ଟ ପ୍ରଦନ କରିଥିଲେ।


କଲର ବେଲ୍ଟ ପ୍ରୋମୋଶନ ଟେଷ୍ଟ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# ଜୀବ ନିଷ୍ଠୁରତା ରୋକିବାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨।୬

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜୀବ ନିଷ୍ଠୁରତା ଆଇନ, ୧୯୬୦ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ, ବରଗଡ଼ଙ୍କ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ଏସପିସିଏର ମନୋନୀତ ଉପସଭାପତି ସମ୍ବିତ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ନୀଳମଣି ଦୀପ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ପୂର୍ବତନ ନିର୍ଦ୍ଦେଶକ ଡା. ପ୍ରତାପ କିଶୋର ଖମାରି ଜୀବ ନିଷ୍ଠୁରତା ଆଇନ, ୧୯୬୦ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝି, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପୂର୍ବତନ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦିଲ୍ଲୀପ କୁମାର ପଣ୍ଡା, ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୀତା ବାରିକ, ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଦିନେଶ ଗହୀରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ, ପ୍ରାଣୀ କଲ୍ୟାଣ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଏବଂ ଗୋଶାଳାର କର୍ମକର୍ତ୍ତାମାନେ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଜିଲାରେ ଷଣ୍ଢ ଉପଦ୍ରବ, ବୁଲା କୁକୁରଙ୍କ ପ୍ରାଦୁର୍ଭାବକୁ କିଭଳି ପ୍ରତିହତ କରାଯାଇ ପାରିବ ଏବଂ ପ୍ରାଣୀ ଓ ମନୁଷ୍ୟ ସମାଜରେ ଉନ୍ନତି ଆଣିହେବ ସେ ଉପରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ବିରୂପାକ୍ଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଜୀବ ନିଷ୍ଠୁରତା ରୋକିବାକୁ ସଚେତନତା କାର୍ଯ୍ୟକ୍ରମରେ ଅତିଥି।

## କୁସ୍ତିଯୋଦ୍ଧାଙ୍କ ସମର୍ଥନରେ ଧାରଣା

ବରଗଡ଼ ଅଫିସ୍,୨।୬

ଦିଲ୍ଲୀ ଜନ୍ତରମନ୍ତରରେ କୁସ୍ତିଯୋଦ୍ଧାଙ୍କ ଧାରଣାକୁ ସମର୍ଥନ ଜଣାଇ ବରଗଡ଼ ଗାନ୍ଧୀଛକରେ ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ଧାରଣା ଦେବା ସହିତ ବ୍ରିଜଭୂଷଣଙ୍କ ଗିରଫ ଦାବି କରାଯାଇଥିଲା। ଦେଶ ପାଇଁ ଗୌରବ ଆଣିଥିବା କୁସ୍ତିଯୋଦ୍ଧାଙ୍କୁ ନିର୍ଯାତନା ଦେଇଥିବା ବ୍ରିଜଭୂଷଣଙ୍କୁ ଏପର୍ଯ୍ୟନ୍ତ ଗିରଫ କରା ନ ଯିବା ଏବଂ ଏଭଳିସ୍ଥଳେ କେନ୍ଦ୍ର ସରକାରଙ୍କ ନୀରବତା ଦୁର୍ଭାଗ୍ୟଜନକ ବୋଲି ଆପ୍ କର୍ମୀମାନେ କହିଥିଲେ। ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରୀଙ୍କ ନେତୃତ୍ୱରେ ହୋଇଥିବା ଧାରଣାରେ ଭବାନୀ ସାହୁ, ରମେଶ ମହାପାତ୍ର, ଗୁରୁପ୍ରୀତ ସିଂ, ମେରିୟମ ବାର୍ଲା, ବାସମତୀ ବନଛୋର, ଗୁଲାପୀ ସୁନା ପ୍ରମୁଖ ସାମିଲ ଥିଲେ।

## ସିଟି ପରୀକ୍ଷାରୁ ବଞ୍ଚିତ ହେଲେ ପ୍ରାର୍ଥୀ

ବରଗଡ଼ ଅଫିସ୍,୨।୬

**ଏସଏମଏସ୍ ନ ଦେଖିବା କାଳ ହେଲା**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜୁନାନୀ ଗ୍ରାମର ସ୍ନାତକ ଛାତ୍ର ଦୁଷ୍ମନ୍ତ ପଟେଲ ସାମାନ୍ୟ ଅସାବଧାନତା ଯୋଗୁ ସିଟି ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ତାଙ୍କ ପରୀକ୍ଷାକେନ୍ଦ୍ର ବଦଳି ହୋଇଥିଲା ଏବଂ ତାଙ୍କ ପାଖକୁ ସେ ସମ୍ପର୍କିତ ମ୍ୟାସେଜ(ଏସଏମଏସ) ମୋବାଇଲ ଫୋନ୍‌ରେ ଆସିଥିଲା। ମାତ୍ର ସେ ସେହି ମ୍ୟାସେଜ୍ ଦେଖି ପାରି ନଥିବା ଯୋଗୁ ପୂର୍ବ ନିର୍ଦ୍ଧାରିତ ପରୀକ୍ଷାକେନ୍ଦ୍ରକୁ ଯାଇଥିଲେ ଏବଂ ସେଠାରୁ ନିରାଶରେ ଫେରିଥିବା ଜଣାପଡ଼ିଛି । ସିଟି ପରୀକ୍ଷା ପାଇଁ ଗତ ଏପ୍ରିଲ ମାସ ୩୦ତାରିଖରେ ଦୁଷ୍ମନ୍ତ ଆବେଦନ କରିଥିଲେ । ଗତ ମେ ମାସ ୨୨ତାରିଖ ଆଡ଼ମିଟ୍ କାର୍ଡ଼ ଡାଉନଲୋଡ୍ କରିଥିଲେ। ସେଥିରେ ଜୁନ୍ ୨ତାରିଖ ଭେଡ଼େନ ବ୍ଲକ ସୁନାଲରମ୍ଭାସ୍ଥିତ ଆଇଟିଆଇ ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବାକୁ ସୂଚୀତ ହୋଇଥିଲା । ଫଳରେ ଶୁକ୍ରବାର ସେ ଉକ୍ତ ପରୀକ୍ଷାକେନ୍ଦ୍ରକୁ ଯାଇଥିଲେ । ମାତ୍ର ସେଠାରେ ସେ ତାଙ୍କ ରୋଲ ନମ୍ବର ପାଇ ପାରି ନ ଥିଲେ ଏବଂ ଉପସ୍ଥିତ କର୍ମଚାରୀଙ୍କୁ ପଚାରିଥିଲେ। ସମ୍ପୃକ୍ତ କର୍ମଚାରୀ ତାଙ୍କ ପରୀକ୍ଷାକେନ୍ଦ୍ର ବଦଳି ହୋଇଯାଇଥିବା କହି ପୁଣିଥରେ ଆଡ଼ମିଟ୍ କାର୍ଡ଼ ଡାଉନଲୋଡ୍ କରିବାକୁ କହିଥିଲେ। ଆଉଥରେ ଆଡ୍‌ମିଟ୍ କାର୍ଡ଼ ଡାଉନଲୋଡ୍ କରିବା ପରେ ଦୁଷ୍ମନ୍ତଙ୍କ ପରୀକ୍ଷାକେନ୍ଦ୍ର ସୁନ୍ଦରଗଡ଼ ଜିଲା ରାଉରକେଲାସ୍ଥିତ ଏସଟିପିଆଇ କମ୍ପ୍ଲେକ୍ସ, ସେକ୍ଟର-ଇକୁ ପରିବର୍ତ୍ତନ ହୋଇଥିବା ସେ ଜାଣିବାକୁ ପାଇଥିଲେ। ତେବେ ସେ ନିଜ ମୋବାଇଲ ମ୍ୟାସେଜ ବକ୍ସ ଚେକ୍ କରିବା ପରେ ଫ୍ରେସ୍ ଆଡ଼ମିଟ୍ କାର୍ଡ଼ ଡାଉନଲୋଡ୍ କରିବା ପାଇଁ ତାଙ୍କ ପାଖକୁ ଏସଏମଏସ ଆସିଥିଲା, ମାତ୍ର ସେହି ଏସଏମଏସ୍ ସେ ଦେଖି ପାରି ନ ଥିଲେ ବୋଲି ଦୁଷ୍ମନ୍ତ କହିଛନ୍ତି ।

# ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର ୨।୬ (ଡି.ଏନ.ଏ.)

ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପିନ ବିହାରୀ ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା କନସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମସିଂ ଭୋଇ ସଭାପତିତ୍ୱ କରିଥିଲେ। ସମସ୍ତ ସିଆରସିସିଙ୍କ ଉପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପିନ ବିହାରୀ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଭାବେ ମିଶ୍ର ରାଜବୋଡା ସମ୍ବର ବ୍ଲକରେ ଶିକ୍ଷା ଓ ଶୈକ୍ଷିକ ପରିବେଶ ସୃଷ୍ଟି କରିବାରେ ସେ ପ୍ରୟାସ କରିଥିଲେ। ବୈଠକରେ ଉପସ୍ଥିତ ସିଆରସିସି, ଶିକ୍ଷକମାନେ ଅବସର ଗ୍ରହଣ କରୁଥିବା ଏବିଇଓଙ୍କ ବିଗତ ଦିନ କାର୍ଯ୍ୟର ସ୍ମୃତିଚାରଣ କରିବା ସହ ସମ୍ବର୍ଦ୍ଧିତ କରିଥିଲେ।


ଅବସର ଗ୍ରହଣ ସଭାରେ ଅତିଥିମାନେ।

# ବିହନ ବ୍ୟାଙ୍କ ବୁଲିଲେ ପ୍ରବାସୀ ଚାଷୀ

ବରଗଡ଼ ଅଫିସ୍,୨।୬

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲିସ୍ଥିତ ଅନୁଭବ ବିହନ ବ୍ୟାଙ୍କକୁ ମହାରାଷ୍ଟ୍ର, ଗୁଜୁରାଟ, ଛତିଶଗଡ଼, ଓଡ଼ିଶାର ନୟାଗଡ଼, ଦଶପଲ୍ଲା ଆଦି ଅଞ୍ଚଳର ୩୪ଜଣ ଚାଷୀ ପରିଦର୍ଶନରେ ଆସିଥିଲେ। ବୁଧବାର, ଗୁରୁବାର ଦୁଇଦିନ କଟାପାଲିରେ ଅବସ୍ଥାନ କରି ସେମାନେ ବିହନ ବ୍ୟାଙ୍କ ଏବଂ ବିହନ ବ୍ୟାଙ୍କ କେନ୍ଦ୍ରିତ ଚାଷ, ବ୍ୟବସ୍ଥା ଉପରେ ଜ୍ଞାନ ଆହରଣ କରିଥିଲେ। ଦେଶୀ ବିହନରେ ଜୈବିକ ଚାଷର ସ୍ଥିତି ଉପରେ ଆଲୋଚନା କରିଥିଲେ। ଏହା ସହିତ ବିହନ ବ୍ୟାଙ୍କ ଢ଼ାଞ୍ଚା, ବିହନ ସଂରକ୍ଷଣ ଆଦି ଉପରେ ଦେଶୀ ବିହନ ସୁରକ୍ଷା ମଞ୍ଚର ଆବାହକ ସରୋଜ ମହାନ୍ତି, ଜୈବିକ କୃଷିର ପ୍ରଶିକ୍ଷକ ତଥା ଅନୁଭବ ବିହନ ବ୍ୟାଙ୍କର ପ୍ରତିଷ୍ଠାତା ସୁଦାମ ସାହୁ ବିଶଦଭାବେ ପ୍ରବାସୀ ଚାଷୀଙ୍କୁ ବୁଝାଇବା ସହିତ ତାଲିମ ପ୍ରଦାନ କରିଥିଲେ । ସେହିପରି ଦେଶୀ ବିହନ ବ୍ୟାଙ୍କର ଆବଶ୍ୟକତା, ଜୈବିକ ଚାଷ ଉପରେ ମଧ୍ୟ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରବାସୀ ଚାଷୀମାନେ ଅନୁଭବ ବିହନ ବ୍ୟାଙ୍କରେ ଗଚ୍ଛିତ ରହିଥିବା ୧୧୦୦ କିସମର ଧାନ ସହିତ ୭୦କିସମର ଅଣଧାନ ବିହନ ଦେଖିଥିଲେ ଏବଂ ସେହି ବିହନ ଉପରେ ଜ୍ଞାନ ଆହରଣ କରିଥିଲେ। ଶାନ୍ତନୁ ଦାଶ, ନନ୍ଦିନୀ ସେଟ, ଅନୁସୂୟା ପ୍ରଧାନ, ହୃଷି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ବିହନ ବ୍ୟାଙ୍କରେ ବିହନ ସଂରକ୍ଷକଙ୍କ ଗହଣରେ ପ୍ରବାସୀ ଚାଷୀବୃନ୍ଦ।

## ସ୍ତ୍ରୀଙ୍କୁ ଆକ୍ରମଣ କରି ସ୍ୱାମୀ ଗିରଫ

ବ୍ରଜରାଜନଗର (ଡି.ଏନ.ଏ.): ବ୍ରଜରାଜନଗର ଥାନା ଅନ୍ତର୍ଗତ ବହାଦୁରପଡ଼ା ଗ୍ରାମରେ ସ୍ତ୍ରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗ୍ରାମର ଭିକୁ ସରନା। ପୋଲିସ ସୂଚନା ଅନୁଯାୟୀ, ଭିକୁ ଅନ୍ୟ କାହାସହ ସମ୍ପର୍କ ରଖିଥିବାବେଳେ ଗତ କିଛିଦିନ ହେବ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ନିଶା ସରନାଙ୍କୁ ମାରଧର କରୁଥିଲେ। ଗୁରୁବାର ମଧରାତ୍ରରେ ସେ ନିଶାସକ୍ତ ଅବସ୍ଥାରେ ଆସି ନିଶାଙ୍କୁ ଆକ୍ରମଣ କରିବା ସହ ଗଳା ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। କୌଣସିମତେ ନିଶା ନିଜ ଜୀବନ ବଞ୍ଚାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ୧୨୩/୨୩) ରୁଜୁ କରି ଭିକୁଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ଦୁଇଦିନ ପରେ ବି ପୋଲିସ ହାତ ଖାଲି

■ ଚର୍ଚ୍ଚରେ ସଶସ୍ତ୍ର ଡକାୟତି ଘଟଣା

କୁଚିଣ୍ଡା,୨।୬(ଡି.ଏନ.ଏ.): ମହୁଲପାଲି ଥାନା ଜରାବଗା ପଞ୍ଚାୟତ ଅମଲିଖମନ ଚର୍ଚ୍ଚରେ ବନ୍ଧୁକ ଦେଖାଇ ୭ଲକ୍ଷ ଟଙ୍କା ଲୁଟ୍ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ ପୋଲିସ ହାତ ଖାଲି ରହିଛି। ମହୁଲପାଲି ଥାନାରେ କୌଣସି ଆଇଆଇସି ନ ଥିବାରୁ ଅପରାଧ ନିୟନ୍ତ୍ରଣ କିମ୍ବା ଅପରାଧୀଙ୍କୁ ଧରିବାରେ ପୋଲିସ ବିଫଳ ହେଉଥିବା ଆଲୋଚନା ହେଉଛି। କୁଚିଣ୍ଡା ଏସ୍‌ଡିପିଓ ରାଜକିଶୋର ମିଶ୍ରଙ୍କ ତତ୍ତ୍ୱାବଧାନ ଓ ଥାନା ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଏହି ଡକାୟତି ଘଟଣାର ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ଗତ ୩୧ତାରିଖ ବିଳମ୍ବିତ ରାତିରେ ମହୁଲପାଲି ଥାନା ଜରାବଗା ପଞ୍ଚାୟତର ଅମଲିଖମନ ଚର୍ଚ୍ଚରେ ପଶି ୬ଜଣ ମୁଖାପିନ୍ଧା ଦୁର୍ବୃତ୍ତ ସଶସ୍ତ୍ର ଡକାୟତି କରିଥିଲେ। ଚର୍ଚ୍ଚ ଫାଦର ଶୁଶିଳ କେର୍କେଟାଙ୍କ ସହ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ତାଙ୍କଠାରୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଫାଦର କେର୍କେଟାଙ୍କ ରିପୋର୍ଟ ଆଧାରରେ ମହୁଲପାଲି ଥାନାରେ ଏକ ମାମଲା (ନଂ୬୩/୨୩) ରୁଜୁ ହୋଇଛି।

### ଏମ୍‌ସିଏଲ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ



ସମ୍ବଲପୁର,୨।୬(ବ୍ୟୁରୋ): ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ଶୁକ୍ରବାର ହୀରାକୁଦ ଡ୍ୟାମ୍ ନିକଟସ୍ଥ ପିକ୍‌ନିକ ସ୍ପଟଠାରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅଧିକାରୀ ଓ କର୍ମଚାରୀମାନେ ସାମୂହିକ ଭାବେ ସଫେଇ କରିଥିଲେ। ହୀରାକୁଦ ଡ୍ୟାମ୍ ନିକଟ ପିକ୍‌ନିକ ସ୍ପଟ ସଫା ରହିଲେ ଅଞ୍ଚଳ ସୁସ୍ଥ ଓ ସୁନ୍ଦର ରହିବ। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତା ସୃଷ୍ଟି ହେବା ଲକ୍ଷ୍ୟ ନେଇ କମ୍ପାନୀ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସଫେଇ ପରେ ଅଳିଆ ଆବର୍ଜନାକୁ ବୁର୍ଲାସ୍ଥିତ ଏମ୍‌ଆର୍‌ଏଫ୍ କେନ୍ଦ୍ରଠାରେ ପକାଯାଇଥିଲା।

# ସମ୍ବଲପୁର ଉତ୍ତପ୍ତ ସହର

## ୪୪.୪ ଡିଗ୍ରୀରେ ରେକର୍ଡ କଲା

ସମ୍ବଲପୁର,୨।୬(ବ୍ୟୁରୋ)

ଗତ କିଛିଦିନ ହେବ ରାଜ୍ୟର ଆଭ୍ୟନ୍ତରୀଣ ଜିଲାଗୁଡିକରେ ତାପମାତ୍ରା ବୃଦ୍ଧି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସକାଳ ୯ଟା ପରେ ଘରୁ ବାହାରିବା କଷ୍ଟକର ହେଉଛି। ଜରୁରୀ କାମ ନ ଥିଲେ ଲୋକେ ଘରୁ ବାହାରୁନାହାନ୍ତି। ବିଶେଷ କରି ପଶ୍ଚିମଓଡ଼ିଶାର ସମ୍ବଲପୁର ଜିଲାରେ ଗ୍ରୀଷ୍ମର ପ୍ରକୋପ ଅଧିକ ଅନୁଭୂତ ହେଉଛି। ନିୟମିତ ବ୍ୟବଧାନରେ ଏଠାରେ ତାପମାତ୍ରା ରେକର୍ଡ ସୃଷ୍ଟି କରୁଥିବା ଦେଖାଯାଉଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଶୁକ୍ରବାର ସମ୍ବଲପୁର ରାଜ୍ୟର ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଥିଲା। ଏଠିକାର ତାପମାତ୍ରା ୪୪. ୪ ଡିଗ୍ରୀ ସେଲ୍‌ସିୟସ ରହିଥିଲା। ସେହିପରି ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଅନ୍ୟ ୧୨ ଗୋଟି ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଥିଲା।



ସମ୍ବଲପୁର ସହରର ମୁଖ୍ୟରାସ୍ତା ଶୂନ୍‌ଶାନ ହୋଇପଡିଛି।

ଆଗାମୀ ୫ଦିନ ପର୍ଯ୍ୟନ୍ତ ଏଭଳି ଗ୍ରୀଷ୍ମତାତି ଲାଗି ରହିବ ବୋଲି ଅଶା କରାଯାଉଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ସମ୍ବଲପୁରରେ କର୍ଫ୍ୟୁ ଭଳି ସ୍ଥିତି ଦେଖିବାକୁ ମିଳିଥିଲା। ସକାଳ ୯ଟାରୁ ରାସ୍ତାଘାଟ ଶୂନ୍‌ଶାନ୍ ଲାଗୁଥିଲା। ଗ୍ରାମାଞ୍ଚଳରେ ମଧ୍ୟ ସମାନ ସ୍ଥିତି ଦେଖାଦେଇଥିଲା। ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ପଶ୍ଚିମ ଓଡ଼ିଶାର ସୋନପୁରରେ ୪୪, ବୌଦ୍ଧ ୪୪, ଝାରସୁଗୁଡ଼ା ୪୩.୮, ହୀରାକୁଦ ୪୩.୬, ବଲାଙ୍ଗୀର ୪୩.୩, ରାଉରକେଲା ୪୩.୨, ସୁନ୍ଦରଗଡ ୪୩, ଭବାନୀପାଟଣା ୪୨.୬, ଟିଟଲାଗଡ ୪୨.୩, ବରଗଡ ୪୨, ନୂଆପଡ଼ାରେ ୪୧.୫ ଡିଗ୍ରୀ ସେଲ୍‌ସିୟସ ରହିଥିଲା।

# ହିଣ୍ଡାଲ୍‌କୋ ପକ୍ଷରୁ ଋତୁସ୍ରାବ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨।୬(ବ୍ୟୁରୋ)

ହୀରାକୁଦସ୍ଥିତ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଋତୁସ୍ରାବ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାସ ନାଥ ପାଣ୍ଡେଙ୍କ ପରାମର୍ଶ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟଠାରେ କାର୍ଯ୍ୟକ୍ରମ ହୋଇଥିଲା। ହୀରାକୁଦ ଅଞ୍ଚଳର ମହିଳାମାନେ ଏଥିରେ ଯୋଗଦେଇଥିଲେ। ହୀରାକୁଦ ସରକାରୀ ଡାକ୍ତରଖାନାର ଅଧୀକ୍ଷକ ଡା. ଅଲିଫ ପଟ୍ଟନାୟକ ଓ ଡା. ସ୍ନିଗ୍ଧା ପରିମିତା ରାଉତ ଯୋଗଦେଇ କିଶୋରୀ ବାଳିକା ଓ ମହିଳାମାନଙ୍କୁ ଋତୁସ୍ରାବ ସମୟରେ ସ୍ୱଚ୍ଛତା ସହ ଜଡିତ ଥିବା ବିଭିନ୍ନ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂରକରିବା ପାଇଁ ପରାମର୍ଶ ଦେଇଥିଲେ। ଏହାସହ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା, ସାନିଟାରି ନାପ୍‌କିନ ବ୍ୟବହାର ଓ ଏହାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ମୁକ୍ତ ସାନିଟାରି ନାପ୍‌କିନ ବିତରଣ କରାଯାଇଥିଲା। ହିଣ୍ଡାଲ୍‌କୋ ସିଏସ୍‌ଆର୍ ବିଭଗର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ଏଫ୍‌ଆର୍‌ପି ସିଏସ୍‌ଆର ଉପପରିଚାଳକ ଜିତେଶ ରଥ ବକ୍ତବ୍ୟ ପ୍ରଦାନ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତାମାନେ।

# ଛାତ୍ର ସାମ୍ମୁଖ୍ୟର ଧାରଣା, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କୁଚିଣ୍ଡା,୨।୬(ଡି.ଏନ.ଏ.)

ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ଉପଖଣ୍ଡର ଶିକ୍ଷାନୁଷ୍ଠାନଗୁଡିକରେ ବହୁବିଧ ସମସ୍ୟା ଲାଗିରହିଛି। କୁଚିଣ୍ଡା କଲେଜ ପ୍ରତିଷ୍ଠାକୁ ୫୬ବର୍ଷ ବିତିଯାଇଥିଲେ ମଧ କଲେଜକୁ ଜମିପଟ୍ଟା ମିଳିପାରି ନାହିଁ। ୧୯୮୯ ମସିହାରେ କୁଚିଣ୍ଡା କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିଲା। ମାତ୍ର ଏ ଯାଏ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଏହାଛଡା ସେତେବେଳେ ଆରମ୍ଭ ହୋଇଥିବା ବିଇଡି ଓ ପିଜି ପାଠ୍ୟକ୍ରମକୁ ମଧ୍ୟ ବନ୍ଦ କରିଦିଆଯାଇଛି। ସେହିଭଳି ଉପଖଣ୍ଡର ଅନ୍ୟତମ ପ୍ରମୁଖ ବାମରା କଲେଜ ଡିଗ୍ରୀ ଶ୍ରେଣୀରେ ବିଜ୍ଞାନ ବିଭାଗ ନ ଥିବାବେଳେ ଜମନକିରାରେ ଥିବା ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କ ଶୁଳ୍କରେ ଚାଲିଛି। ଏହିସବୁ ସମସ୍ୟାର ସମାଧାନ ପାଇଁ ଆଞ୍ଚଳିକ ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ଶୁକ୍ରବାର କୁଚିଣ୍ଡା ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ୨ଘଣ୍ଟିଆ ଧାରଣା ଦିଆଯାଇଥିଲା। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ବିଭୂତିଭୂଷଣ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଛାତ୍ର ସାମ୍ମୁଖ୍ୟର କାର୍ଯ୍ୟକାରୀ ସଂଯୋଜକ ପ୍ରିତମ ପୃଷ୍ଟେଠଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା।

ପ୍ରଦତ୍ତ ଦାବିପତ୍ରରେ କୁଚିଣ୍ଡା କଲେଜକୁ ସମ୍ପୂର୍ଣ୍ଣ ସରକାରୀକରଣ, ଜମିପଟ୍ଟା ପ୍ରଦାନ, ବନ୍ଦ ହୋଇଥିବା ବିଇଡି ଓ ପିଜି ପାଠ୍ୟକ୍ରମର ପୁନଃ ପ୍ରଚଳନ, ବାମରା କଲେଜରେ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ, ଜମନକିରା କଲେଜରେ ଥିବା ବିଜ୍ଞାନ ପାଠ୍ୟକ୍ରମ ପାଇଁ ପୂର୍ଣ୍ଣ ଅନୁଦାନ ପ୍ରଦାନ ଆଦି ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମରେ ଛାତ୍ର ସମ୍ମୁଖ୍ୟର କେନ୍ଦ୍ରୀୟ ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ, କେନ୍ଦ୍ରୀୟ ସହସଂଯୋଜକ ଅସୀମ ପଟେଲ, ରଞ୍ଜନ ନାୟକ, ସୌମ୍ୟରଞ୍ଜନ ସାହୁ, ସାମ୍ମୁଖ୍ୟ ଉପଦେଷ୍ଟା ସୁବାସ ଚନ୍ଦ୍ର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣାକର କିଷାନ, ଆଦିବାସୀ ନେତା ଭଦ୍ରଚରଣ କିଷାନ, ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ଜନକମେଲ ଲାକ୍ରା, ଓକିଲ ସ୍ୱପ୍ନେଶ୍ୱର ପ୍ରଧାନ, ଚୈତନ୍ୟ କାଉ ପ୍ରମୁଖ ସାମିଲ ଥିଲେ।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## କୁଚିଣ୍ଡା କଲେଜକୁ ସରକାରୀ ମାନ୍ୟତା ଦାବି

### ୪ରେ ହୀରାଖଣ୍ଡ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସ

ସମ୍ବଲପୁର,୨।୬(ବ୍ୟୁରୋ)

ହୀରାଖଣ୍ଡ ସାମ୍ମୁଖ୍ୟର ପ୍ରତିଷ୍ଠା ଦିବସ ଆସନ୍ତା ୪ ତାରିଖରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହେବ। ଏଥିରେ କଟକ ସ୍ଥିତ ହୀରାଖଣ୍ଡ ସଂସ୍କୃତି ସମାଜର ପ୍ରତିଷ୍ଠାତା ସଭ୍ୟ ତଥା ସମ୍ବଲପୁରୀ ଲୋକ ସଂଗୀତ ଗୁରୁ ଗଙ୍ଗାଧର ଦାସ, ସମ୍ବଲପୁର କଳା କେନ୍ଦ୍ରର ନାଟ୍ୟଶ୍ରୀ ପୁଷ୍ପାଞ୍ଜଳି ବେହେରା, ଅଦୃଶ୍ୟ ନାଟ୍ୟ ଆଶ୍ରମର ପ୍ରତିଷ୍ଠାତା ସମ୍ପାଦକ ଅତୀଶ କୁମାର ଶତପଥୀ, ସମ୍ବଲପୁରୀ ନାଟକର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଯୁବ ଉଦୟନଙ୍କୁ ହୀରାଖଣ୍ଡ ସମ୍ମାନରେ ସମ୍ମାନିତ କରାଯିବାକୁ ସ୍ଥିର ହୋଇଛି। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସମ୍ବଲପୁରୀ ସଂଗୀତ ଗୁରୁ ରଞ୍ଜିତ ନାଗ ମୁଖ୍ୟ ଅତିଥି, ପଦ୍ମଶ୍ରୀ କ୍ରିଷ୍ଣା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ହୀରାଖଣ୍ଡ ସାମ୍ମୁଖ୍ୟ ସଭାପତି ଡ. ପରେଶ ଚନ୍ଦ୍ର ଦାନି ପ୍ରେସ୍ ବିବୃତିରେ ସୂଚିତ କରିଛନ୍ତି।

### ଗୋଦାମରୁ ଲୁହା ପାଇପ୍, ରଡ୍ ଚୋରି ଅଭିଯୋଗ

ନାକଟିଦେଉଳ,୨।୬(ଡି.ଏନ.ଏ.)

ନାକଟିଦେଉଳ ଥାନା ଅନ୍ତର୍ଗତ ନାକଟିଦେଉଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ପୁରୁଣା ଗୋଦାମ ଗୃହରୁ ଲୁହା ପାଇପ୍ ଓ ରଡ଼ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଏହି ଗୋଦାମ ଗୃହରେ ପ୍ରାୟ ୫ବର୍ଷ ହେବ ନଳକୂପରେ ବ୍ୟବହୃତ କିଛି ପୁରୁଣା ଲୁହା ପାଇପ୍ ଓ ରଡ଼ ଗଚ୍ଛିତ ରହିଥିଲା। ଏହି ଯନ୍ତ୍ରାଂଶ ଅଚଳ ପରେ ପଞ୍ଚାୟତ ପକ୍ଷରୁ ଗୋଦାମରେ ରଖାଯାଇଥିଲା। ଗୁରୁବାର ରାତ୍ରିରେ କେହି ଦୁର୍ବୃତ୍ତ ଗୋଦାମ ଘର କବାଟ ତାଡି ୧୨ ଖଣ୍ଡ ପୁରୁଣା ଲୁହା ପାଇପ ଓ ୧୦ ଖଣ୍ଡ ପୁରୁଣା ଲୁହା ରଡ୍ ଚୋରି କରିନେଇଛନ୍ତି। ଶୁକ୍ରବାର ସକାଳୁ ଏହା ଜଣାପଡିବା ପରେ ପଞ୍ଚାୟତ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ଆକାଶବାଣୀ କେନ୍ଦ୍ରରେ ଜରୁରୀ ବୈଠକ

ସମ୍ବଲପୁର,୨।୬(ବ୍ୟୁରୋ)

ସମ୍ବଲପୁର ଆକାଶବାଣୀ କେନ୍ଦ୍ରରେ ଶୁକ୍ରବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପନିର୍ଦ୍ଦେଶକ (ଅଭିଯାନ୍ତ୍ରିକୀ) ରମେଶ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କେନ୍ଦ୍ର ମୁଖ୍ୟ ମନୋଜ କୁମାର ପୂଜାରୀ ଓ କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆକାଶବାଣୀ ରିକ୍ରିଏଶନ କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦ୍ରର ଜଗନ୍ନାଥ କୁଅଁର, କାସିଫ ଜମିଲ, ସତ୍ୟରଞ୍ଜନ ପଣ୍ଡା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସମ୍ବଲପୁରୀ ଆଞ୍ଚଳିକ ସମ୍ବାଦ ବିଭାଗର ଉପନିର୍ଦ୍ଦେଶକ (ସମାଚାର) ସତ୍ୟନାରାୟଣ ପଟ୍ଟନାୟକଙ୍କ କଟକ ସମ୍ବାଦ ବିଭାଗକୁ ସ୍ଥାନାନ୍ତରଣ ହୋଇଥିବାରୁ ତାଙ୍କୁ ଆକାଶବାଣୀ ରିକ୍ରିଏଶନ କ୍ଲବ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କେନ୍ଦ୍ରର ଆଞ୍ଚଳିକ ନିଉଜ ବିଭାଗରେ ମଧ ବସନ୍ତ କୁମାର ମାଝିଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଖବରଦାତା ଶିବ ନନ୍ଦ, ତେଜଶ୍ରୀ ମିଶ୍ର, ଆଶୁତୋଷ ପାଣିଗ୍ରାହୀ, ଉପସ୍ଥିତ ଥିଲେ।

# ମହିଳା ମହାବିଦ୍ୟାଳୟ ପ୍ରଫେସରଙ୍କୁ ସମ୍ବର୍ଦ୍ଧନା



ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ପ୍ରଫେସର ଓ କର୍ମଚାରୀ।

ସମ୍ବଲପୁର,୨।୬(ବ୍ୟୁରୋ)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ଶୁକ୍ରବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଏଥିରେ ସଭାପତିତ୍ୱ କରିଥିଲେ। କର୍ମମୟ ଜୀବନରୁ ଅବସର ଗ୍ରହଣ କରିଥିବା ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ନୌବିହାରୀ ପ୍ରଧାନ ଓ ଦର୍ଶନ ଶାସ୍ତ୍ର ବିଭାଗର ପ୍ରଫେସର ଗୋଲକ ବିହାରୀ ଦାସ ଏବଂ ବରିଷ୍ଠ କିରାଣି କୌଶିକ କୁମାର ଧରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ପ୍ରଫେସର ଜିତେନ କୁମାର ମିଶ୍ର, ଉମାଶଙ୍କର ଦାଶ, ଅଖିଳ ବିଶ୍ୱାଳ, ପବିତ୍ର ମୋହନ ବେହେରା, ଯୋଗେଶ ଚନ୍ଦ୍ର ଭୋଇ, ସୁବାସ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପ୍ରଧାନ, ମହମ୍ମଦ ଜାଭେଦ ପ୍ରମୁଖ ଉପସ୍ଥିତ ରହି ଶିକ୍ଷା ଓ ଶିକ୍ଷକଙ୍କ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏଥିସହ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ମନ୍ତ୍ରୀଙ୍କୁ ଦାବି ଜଣାଇଲେ କେନ୍ଦୁପତ୍ର କର୍ମଚାରୀ

ସମ୍ବଲପୁର,୨।୬(ବ୍ୟୁରୋ)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଏକ ପ୍ରତିନିଧି ଦଳ ଜଙ୍ଗଲମନ୍ତ୍ରୀ ପ୍ରଦୀପ ଅମାତଙ୍କ ବାସଭବନରେ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାସହ ସମସ୍ୟା ସମାଧାନ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦୁପତ୍ର ତୋଳାଳି, କର୍ମଚାରୀଙ୍କୁ ବୋନସ୍ ପ୍ରଦାନ, ସିଜନାଲ କର୍ମଚାରୀଙ୍କ ଦରମା ବୃଦ୍ଧି, କନ୍ୟା ବିବାହ ସହାୟତା, କେନ୍ଦୁପତ୍ରରୁ ସଂଗ୍ରହ ହେଉଥିବା ୧୮% ଜିଏସ୍‌ଟିକୁ ପ୍ରତ୍ୟାହାର, ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ଥିବା କେଏଲ୍‌ଡିବି ବୈଠକ କରିବା ଆଦି ଦାବି କରିଥିଲେ। କେନ୍ଦୁଲିଫ ୱେଲଫେୟାର୍ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ସଂଘ ଉପସଭାପତି ଗୋକୁଳ ମେହେର, ପାଟଣାଗଡ଼ ଡିଭିଜନ ସମ୍ପାଦକ ଶିବାନନ୍ଦ ପରିଚ୍ଛା, ସମ୍ବଲପୁର ଜୋନ ସମ୍ପାଦକ ପ୍ରତାପ ଶର୍ମା, ଛାତ୍ର ନେତା ଦେବଜ୍ୟୋତି ପଟ୍ଟନାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଉପରୋକ୍ତ ଦାବି ପୂରଣ ପାଇଁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନ କ୍ରମେ ଓଡ଼ିଶାର ୧୯ ଡିଭିଜନରେ ତୋଳାଳି ଓ ସିଜନାଲ କର୍ମଚାରୀମାନେ ବିଭିନ୍ନ ଜିଲାରେ ସମାବେଶ କରି ଜିଲାପାଳ, ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଛି।



ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ମା' ରମ୍ଭାଦେବୀଙ୍କ ଯାତ୍ରା ଉତ୍ସବ

## ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

ଦେବଗଡ଼,୨।୬(ଡି.ଏନ.ଏ.)

ତିଲେଇବଣି ବ୍ଲକ କଲଣ୍ଡା ପଞ୍ଚାୟତର ବାସୁଦେବପୁର ଗ୍ରାମ ନିକଟ ରମ୍ଭାଦେବୀ ସଂରକ୍ଷିତ ଜଙ୍ଗଲ ଗୁମ୍ଫା ମଧ୍ୟରେ ଅବାହମାନ କାଳରୁ ପୂଜିତ ହୋଇଆସୁଥିବା ଜିଲାର ଅନ୍ୟତମ ଅଧିଷ୍ଠାତ୍ରୀ ଦେବୀ ମା' ରମ୍ଭାଦେବୀଙ୍କ ପ୍ରସିଦ୍ଧ ଯାତ୍ରା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଯାତ୍ରାରେ ଜିଲା ତଥା ଜିଲା ବାହାରୁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସୁଗୁଡାସ୍ଥିତ ମା' ରମ୍ଭାଦେବୀଙ୍କ ଆସ୍ଥାନରେ ବଳିଭୋଗ ସହ ପୂଜାର୍ଚ୍ଚନା ପରେ ଢୋଲ, ମାଦଳ ଓ ଘଣ୍ଟ ବାଦ୍ୟର ତାଳେତାଳେ ଦେହୁରି (ପୂଜକ) କିଶୋରୀ ପ୍ରଧାନ ଗୁମ୍ଫାରେ ଥିବା ମା' ରମ୍ଭାଦେବୀଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ଆଣିଥିବା ବୋଦା ଓ କୁକୁଡା ଆଦି ଭୋଗ ଲଗାଯାଇ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମା' ରମ୍ଭାଦେବୀଙ୍କ ଦର୍ଶନ ନିମନ୍ତେ ନିକଟସ୍ଥ କଲଣ୍ଡା, ସୁଗୁଡା, ଛେପିଲିପାଲି, ବଡଛାପଲ, ବଣିଆଁ କିଲିଣ୍ଡା ପଞ୍ଚାୟତ ସମେତ ଦେବଗଡ ପୌରାଞ୍ଚଳ ଓ ଜିଲାର ତିନୋଟିଯାକ ବ୍ଲକରୁ ମହିଳାପୁରୁଷଙ୍କ ସମାଗମ ହୋଇଥିଲା। ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ଶିଶୁ ଓ କିଶୋରମାନେ ମଧ ପାହାଡିଆ ଦୁର୍ଗମ ରାସ୍ତାରେ ଚାଲି ଚାଲି ମାତୃକୃପା ଲାଭ ନିମନ୍ତେ ମା'ଙ୍କ ପୀଠକୁ ଆସୁଥିବା ଦେଖିବାକୁ ମିଳିଥିଲା। ଜନ ସମାଗମକୁ ଦୃଷ୍ଟିରେ ରଖି ଦେବଗଡ଼ ଥାନା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଉତ୍ସବ ଉପଲକ୍ଷେ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ପକ୍ଷରୁ ସଭାପତି ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ପୂଜା ସ୍ଥଳକୁ ସଫେଇ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ହାପି ଟୁ ହେଲ୍ପ ଏବଂ କଲଣ୍ଡା ଗ୍ରାମ ପଞ୍ଚାୟତ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଥଣ୍ଡା ପାନୀୟ ଜଳ ବିତରଣ କରାଯାଇଥିଲା। ଉତ୍ସବ ଆୟୋଜନରେ ବାସୁଦେବପୁର ଗ୍ରାମବାସୀ ସକ୍ରିୟ ଅଂଗ୍ରହଣ କରିଥିବା ବେଳେ ପଡୋଶୀ ସୁଗୁଡା ଓ କଲଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ।



ମା' ରମ୍ଭାଦେବୀଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

# ସରକାରୀ କଳ ଅଚଳ, ଲୋକେ ହଇରାଣ

ସମ୍ବଲପୁର,୨।୬(ବ୍ୟୁରୋ)

ସମ୍ବଲପୁର ଜିଲାସ୍ତରୀୟ ମିଳିତ ଅମଲା ସଂଘ ସଦସ୍ୟ ସାମୂହିକ ଛୁଟିରେ ଯିବା ଫଳରେ ପ୍ରଶାସନିକ କାର୍ଯ୍ୟ ଠପ ହୋଇପଡିଛି। ଶୁକ୍ରବାର ଦ୍ୱିତୀୟ ଦିନରେ ଆନ୍ଦୋଳନ ଚାଲିଥିବା ବେଳେ ମଧ୍ୟ ସମାଧାନର ବାଟ ବାହାରି ପାରି ନାହିଁ। ଅମଲା ସଂଘର ଶତାଧିକ ସଦସ୍ୟ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ସମୂହ ଛୁଟିରେ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସରକାରୀ କର୍ମଚାରୀ କନିଷ୍ଠ ସହାୟକଙ୍କ ମୂଳ ଦରମା ଗ୍ରେଡ ପେ ୪୨୦୦କୁ ବୃଦ୍ଧି ଅଥବା ଲେବଲ-୯କୁ ବୃଦ୍ଧି କରିବା ମୁଖ୍ୟ ଦାବି ରହିଥିଲା। ଜନସାଧାରଣ ସହଯୋଗ କରିବା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟପଟେ ସାମୂହିକ ଛୁଟିରେ ରହିବା ଯୋଗୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଏକପ୍ରକାର ଅଚଳ ହୋଇପଡ଼ିଛି। ଜିଲାପାଳ ଅଫିସ, ତହସିଲ କାର୍ଯ୍ୟାଳୟ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଜିଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ, ଉପଜିଲାପାଳଙ୍କ ଅଫିସ, ସମ୍ବଲପୁର ମହାନଗର ନିଗମ ଭଳି ଗୁରୁତ୍ୱପୂର୍ଣ୍ଣ ଅଫିସଗୁଡିକ ପ୍ରଭାବିତ ହୋଇଛି। ଜାତିଗତ ପ୍ରମାଣପତ୍ର, ବାସିନ୍ଦା ସାର୍ଟିଫିକେଟ, ଇନ୍‌କମ୍ ସାର୍ଟିଫିକେଟ, ଜନ୍ମମୃତ୍ୟୁ ପ୍ରମାଣପତ୍ର, ଗାଡିମୋଟର ବିକ୍ରି, ଜମି କିଣାବିକା ଆଦି କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଛି । ଦୂରଦୂରାନ୍ତରୁ ଲୋକମାନେ ଆସି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅମଲା ସଂଘର ଧାରଣା।

### କୁଚିଣ୍ଡାରେ ଅଫିସ କାମ ଠପ୍

କୁଚିଣ୍ଡା,୨।୬(ଡି.ଏନ.ଏ.)

କୁଚିଣ୍ଡା ଅମଲା ସଂଘର ସଦସ୍ୟଙ୍କ ଆନ୍ଦୋଳନ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଫଳରେ କୁଚିଣ୍ଡାର ସମସ୍ତ ଅଫିସ୍ କାମ ଠପ୍ ହୋଇଯାଇଛି। ଚଳିତ ଶିକ୍ଷାବର୍ଷ ପାଇଁ କଲେଜ ପିଲାଙ୍କ ନାମଲେଖା ଓ ବିଭିନ୍ନ ନିଯୁକ୍ତି ନିମନ୍ତେ ଅନ୍‌ଲାଇନ ଆବେଦନ ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ପ୍ରମାଣପତ୍ର ପାଇଁ ତହସିଲ ଅଫିସରେ ଆବେଦନ କରୁଛନ୍ତି। ମାତ୍ର ଅମଲା ସମୂହ ଛୁଟି ନେଇ ଆନ୍ଦୋଳନରେ ଥିବାରୁ ପିଲାଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ସରକାର ତୁରନ୍ତ ଏହାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, କନିଷ୍ଠ ସହାୟକଙ୍କ ବେତନ ଲେବଲ ୪ରୁ ୯କୁ ବୃଦ୍ଧି ଦାବିରେ ସମ୍ବଲପୁର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଆହ୍ୱାନକ୍ରମେ ଜିଲାର ଅମଲାମାନେ ମେ ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ଅଫିସ କାମ କରି ଆସୁଥିଲେ। ପରେ ଗୁରୁବାରଠାରୁ ସମୂହ ଛୁଟି ନେଇ କାର୍ଯ୍ୟବନ୍ଦ କରିଛନ୍ତି। କୁଚିଣ୍ଡା ବ୍ଲକର ଅମଲା ସଂଘର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ପୁରୁଣା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଚଳାଇଛନ୍ତି। ସଂଘ ସଭାପତି ତରୁଣ ପ୍ରସାଦ ବିଶ୍ୱାଳ, ସମ୍ପାଦକ ସ୍ୱାଧୀନ ପଟେଲ, ଆବାହକ ସୁଜିତ ବୁଢ଼ା, ଉପଦେଷ୍ଟା ପ୍ରଫୁଲ୍ଲ କର, ଜିବନ ମହାପାତ୍ରଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଜାରି ରହିଛି।

